## ଶୈବ୍ୟା କାବେରୀ ପୀଠରେ ଶ୍ରଦ୍ଧାଳୁଙ୍କ ସମାବେଶ

# ବୁଡ଼ ପକାଇଲେ; ଡଙ୍ଗା ଭସାଇଲେ

**ତୁରୁମୁଙ୍ଗା,୧୫।୧୧(ସମିସ)**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସର କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମର ପୁଣ୍ୟତୋୟା ବୈତରଣୀ ନଦୀର ଶୈବ୍ୟା କାବେରୀ ପୀଠରେ ଶୁକ୍ରବାର ଭୋରରୁ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଛି। ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ଐତିହ ସଂସ୍କୃତି ହେଉଛି କାର୍ତ୍ତିକ ପୂର୍ଣ୍ଣିମା ବା ବୋଇତ ବନ୍ଦାଣ ଉତ୍ସବ। ଏହି ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ଓ ପରମ୍ପରାକୁ ସାରା ରାଜ୍ୟ ମନେ ପକାଉଥିବା ବେଳେ କେନ୍ଦୁଝର ଜିଲ୍ଲାର ରାଜନଗର ଗ୍ରାମର ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ଥିବା ଶୈବ୍ୟା କାବେରୀ ପୀଠରେ ଏହି ଗୌରବମୟ ଉତ୍ସବର ସ୍ମୃତିଚାରଣ କରିଛନ୍ତି ରାଜନଗର ଗ୍ରାମବାସୀ। ଏଠାରେ ୪୦ଫୁଟ ଲମ୍ବ ଓ ୫ ଫୁଟ ଓସାରର ଏକ ସୁସଜ୍ଜିତ ବୋଇତକୁ ପୂଜକ ପ୍ରଦୀପ ପାଣିଙ୍କ ଦ୍ୱାରା ପୂଜାର୍ଚ୍ଚନା



କରାଯାଇ ବନ୍ଦାଣ କରାଯିବା ପରେ ବୈତରଣୀ ନଦୀ ଗର୍ଭରେ ଭସା ଯାଇଥିଲା। ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ବୋଇତ ଉଦ୍‌ଘାଟନ କରିବା ପରେ ସୁସଜ୍ଜିତ ବୋଇତକୁ ନଦୀ ଗର୍ଭରେ ଭସା ଯାଇଥିଲା। ପରେ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇଥିଲେ। ବୋଇତ ବନ୍ଦାଣ ପାଇଁ ଶୈବ୍ୟା କାବେରୀ ପୀଠ ଚଳଚଞ୍ଚଳ ହୋଇ ପଡିଥିବା ବେଳେ ଭୋର ୩ ଟାରୁ ସ୍ଥାନୀୟ ଅଞ୍ଚଳ ତଥା ମୟୂରଭଞ୍ଜ ଓ ପଡ଼ୋଶୀ ରାଜ୍ୟ ଝାରଖଣ୍ଡର ହଜାର ହଜାର ଶ୍ରଦ୍ଧାଳୁ ବୈତରଣୀ ନଦୀରେ ବୁଡ଼ ପକାଇ, ଡଙ୍ଗା ଭସାଇଥିଲେ। ପରେ ରାଜନଗରର ଆରାଧ୍ୟ ଦେବତା ଦଧିବାମନଜୀଉ ଏବଂ ରଘୁନାଥଜୀଉଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼କୁ ଆଖି ଆଗରେ ରଖି କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ତୁରୁମୁଙ୍ଗା ପୁଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ବୋଇତ ବନ୍ଦାଣ କମିଟିର ସଦସ୍ୟଙ୍କ ତତ୍ତ୍ୱାବଧାନରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା। ସେହିପରି ପାଟଣା ବୈତରଣୀ ନଦୀ ଏବଂ ଭୀମକୁଣ୍ଡରେ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ।



## ଚମର୍ଦ୍ଦାରେ ରାଧାକୃଷ୍ଣଙ୍କ ପୂଜା



**ଆନନ୍ଦପୁର,୧୫।୧୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତ ଚମର୍ଦ୍ଦା ଗ୍ରାମରେ ରାଧାକୃଷ୍ଣଙ୍କ ପୂଜା ଅନୁଷ୍ଠିତ ହେଉଛି। ଗ୍ରାମ ପୁଷ୍କରିଣୀରୁ କଳସ ଶୋଭାଯାତ୍ରା ଅଣାଯାଇ ମଣ୍ଡପରେ ସ୍ଥାପନ ପରେ ପୂଜକ ପୂଜା କରିଥିଲେ। ପାଞ୍ଚ ଦିନ ଧରି ମହାଆଡମ୍ବର ସହିତ ପାଳନ କରାଯିବା ନେଇ ଶାନ୍ତି ନିକେତନ ଯୁବକ ସଂଘପକ୍ଷରୁ ସୂଚନା ମିଳିଛି। ପୂଜାର କର୍ତ୍ତା ଭାବେ ରବୀନ୍ଦ୍ର ସାହୁ, କବିନ୍ଦ୍ର ପଲେଇ, ମୁରଲୀ ପଲେଇ, ସନ୍ତୋଷ ପଲେଇ, ଶିବରାମ ପଲେଇ, ରମେଶ ସାହୁ, ଟୁକୁନା ସାହୁ, ଚତୃଭୂଜ ସାହୁ, ମଧୁସୁଦନ ସାହୁ ଓ ବିଚିତ୍ର ନାଏକ ଥିବା ବେଳେ ସୁରେନ୍ଦ୍ର ସାହୁ ଓ ଦୋଳ ଗୋବିନ୍ଦ ପଲେଇ ପୂଜା ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଭାବେ ଦାୟିତ୍ୱ ତୁଲାଉଛନ୍ତି। ପୂଜାରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ ରାଧାକୃଷ୍ଣଙ୍କ ପୂଜା ମଣ୍ଡପ ଶ୍ରଦ୍ଧାଳୁମାନଙ୍କ ମନମୁଗ୍ଧ କରିପାରିଛି। ଏଠାରେ ପାଞ୍ଚଦିନ ଧରି ଅନ୍ନଛତ୍ର ବଣ୍ଟନର ବ୍ୟବସ୍ଥା ସାଙ୍ଗକୁ ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ କାର୍ଯକ୍ରମ ରହିଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତର କାର୍ଯକ୍ରମ ଉପଭୋଗ କରିବାକୁ ବହୁ ଦୂରଦୁରାନ୍ତରୁ ଦର୍ଶକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ରାଧାକୃଷ୍ଣଙ୍କ ପୂଜା ପାଞ୍ଚ ଦିନ ଧରି ମହାଆଡମ୍ବର ସହିତ ପାଳନ କରାଯାଇ ଶେଷ ଦିନ ସନ୍ଧ୍ୟାରେ ମାଆଙ୍କୁ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥାଏ। ମନୋରଞ୍ଜନର କାର୍ଯକ୍ରମରେ ନାମୀ ଦାମୀ କଳାକାର ମାନଙ୍କ ଦ୍ୱାରା ଷ୍ଟେଜ ପ୍ରୋଗ୍ରାମ କରାଯାଇଥାଏ।

## ବିଭିନ୍ନ ସ୍ଥାନରେ ପଞ୍ଚୁକ ବୁଡ଼ ଓ ବୋଇତ ବନ୍ଦାପନା



**ଆନନ୍ଦପୁର,୧୫।୧୧(ସମିସ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ବୈତରଣୀ ନଦୀର ବିଭିନ୍ନ ଘାଟରେ ଶ୍ରଦ୍ଧାଳୁ ମାନଙ୍କ କାର୍ତ୍ତିକ ବୁଡ ଓ ଡଙ୍ଗା ଭସା ପରମ୍ପରା ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। ଆନନ୍ଦପୁରର ଠାକୁର ଘାଟ, ରାଜଘାଟ, ଝାଡେଶ୍ୱର ଘାଟରେ ପ୍ରତ୍ୟୁଷରୁ ଶହ ଶହ ପୁରୁଷ ମହିଳା ଶ୍ରଦ୍ଧାଳୁମାନେ କାର୍ତ୍ତିକ ବୁଡ଼ ପକାଇ ମଣ୍ଡପରେ ପୂଜା ପାଉଥିବା ରାଧାକୃଷ୍ଣ, ଲକ୍ଷ୍ମୀନାରାୟଣ ଏବଂ ଝାଡ଼େଶ୍ୱର ମହେଶଙ୍କୁ ଦର୍ଶନ କରି ସାନିଧ ଲାଭ କରିଥିଲେ। ଏହି ଉପଲକ୍ଷେ ଆଜି ଦଧିବାମନଜୀଉ ମନ୍ଦିର ପରିଚାଳନା କମିଟି ସାର୍ବଜନୀନ ଦୁର୍ଗାପୂଜା କମିଟି, ରାଜପୁତ ସାହି ଯୁବକ ସଂଘ, ଶ୍ରୀଗାଦିଗୋସେଇଁ ଯୁବ ପରିଷଦ ପକ୍ଷରୁ ମହାପ୍ରସାଦ ଓ ଟଙ୍କ ତୋରାଣି ଶ୍ରଦ୍ଧାଳୁ ମାନଙ୍କୁ ବିତରଣ କରାଯାଇଥିଲା। ପ୍ରତି ବର୍ଷ ପରି ଚଳିତ ବର୍ଷ ଫକୀରପୁର ଠାରେ ହୋଇ ଆସୁଥିବା ବୋଇତ ବନ୍ଦାଣ ଉତ୍ସବ ଯଥା ରୀତିନୀତି ରେ ପାଳିତ ହୋଇଛି। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶ୍ରୀରାଧାକୃଷ୍ଣ ବୋଇତ ବନ୍ଦାଣ ତରଫରୁ ବୈତରଣୀ ନଦୀର ବଡାମ୍ବା ଘାଟରେ ଏକ ସୁସଜ୍ଜିତ ବୋଇତକୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପୂଜାର୍ଚ୍ଚନା କରି ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ସଂସ୍କୃତିକ ସମାରୋହ ମଞ୍ଚରେ କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦରିଆ ପାରିରେ ସାଧବପୁଅଙ୍କ ନୌବାଣିଜ୍ୟ ଦେଶ ଦେଶ ମଧ୍ୟରେ ଭାଇ.ରାର ସଂପର୍କ ସୃଷ୍ଟି କରୁଥିଲା ବୋଲି ମତବ୍ୟକ୍ତ କରୁଥିଲେ। ଏହି ସଭାରେ ଆନନ୍ଦପୁର ପୌରାଧକ୍ଷା ରଜନୀରାଣୀ ଖଟୁଆ, ତହସିଲଦାର ସଂଗ୍ରାମ କେଶରୀ ଭଳ, କାଉନସିଲର ସୁରେନ୍ଦ୍ର କୁମାର ଦାସ, ସନତ କୁମାର କର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବୋଇତ ବନ୍ଦାଣ ଓ କାର୍ତ୍ତିକେଶ୍ୱର ପୂଜା

**ସୋସୋ,୧୫।୧୧(ସମିସ):** ହାଟଡିହୀ ବ୍ଲକର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଓ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଯାଇଛି। ଐତିହ୍ୟ ସୋସୋ ନାଗସରା ପୋଖରୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳାମାନେ ବୋଇତ ବନ୍ଦାଣ ପାରମ୍ପାରିକ ରୀତିନୀତିରେ ପୂଜା କରିଥିଲେ। ସେହି ନାଗସରୋବର ପାଖରେ ନାଗ ଦେବତାଙ୍କ ମଠରେ ବଡ଼ଓଷା କରାଯାଇଥିଲା। ଗ୍ରାମର ଥିବା ସମସ୍ତ ମନ୍ଦିର ଗୁଡିକ ଆଲୋକମୟ କରାଯାଇ



ଗ୍ରାମର ପରିବେଶକୁ ଆଲୋକମୟ କରାଯିବା ସହିତ ଏକ ଆଧାତ୍ମିକ ଚିନ୍ତନ ସୃଷ୍ଟି କରାଯାଇଥିଲା। ବିଜୁ ମହାନ୍ତିଙ୍କ ସହଯୋଗରେ ଧୁସାସନ ବାରିକ, ମନୋଜ ସିଂ, ଜଗୁଲୁ ପହି, ସିପୁ ସାହୁ, ସତ୍ୟ ମାଝୀ ପ୍ରମୁଖ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେହିପରି ହାବଲେଶ୍ୱର ମନ୍ଦିର ବୈତରଣୀ ନଦୀରେ ଶହ ଶହ ଲୋକ ବୁଡ଼ପକାଇ ଡଙ୍ଗା ଭସାଇଥିଲେ। ଆ-କା-ମା-ବୈ ଡାକରେ ସମଗ୍ର ଅଞ୍ଚଳଟି ଉଚ୍ଛୁଳି ଉଠିଥିଲା। ପରେ ବୈତରଣୀ ନଦୀକୂଳରେ ଥିବା ପ୍ରାଚୀନ ଶୈବପୀଠରେ ପୂଜାର୍ଚ୍ଚନା କରିଥିଲେ। ପ୍ରବଳ ଭିଡ଼କୁ ଲକ୍ଷ୍ୟ ରଖି ନନ୍ଦିପଦା ପୁଲିସ ଓ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ମୁଗୁପୁର, ସମଣା, ବଞ୍ଚୋ ବୈତରଣୀ ଘାଟରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇ ଡଙ୍ଗା ଭସାଇଥିବା ବେଳେ ହଗଦଡ଼, ବାଲିବରେଇ, ସୋସୋ ପ୍ରଭୃତି ସ୍ଥାନରେ ସାଳନ୍ଦୀ ନଦୀରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ହାଟଡିହି ତହସିଲ ପୋଖରୀ ନିକଟରେ ରାଧାକୃଷ୍ଣ ପୁଜାର୍ଚ୍ଚନା କରାଯାଉଛି।

## ଉଦ୍‌ଘାଟିତ ହେଲା ରାଜନଗର ବାଲିଯାତ୍ରା



**ତୁରୁମୁଙ୍ଗା,୧୫।୧୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ସନ୍ଧ୍ୟାରୁ ବାଲିଯାତ୍ରା ଆରମ୍ଭ ହୋଇଛି। ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଚଳିତ ବର୍ଷ ଏହି ବାଲିଯାତ୍ରା ହେଉଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ରାଜନଗର ପଞ୍ଚାୟତର ସରପଞ୍ଚ ସୁଧାଂଶୁ ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇ ବାଲିଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗର ସାଂସଦଙ୍କ ପ୍ରତିନିଧି ପ୍ରିୟରଞ୍ଜନ ସିଂହ, ବାଲିଯାତ୍ରା କମିଟିର ସଭାପତି ତୃପ୍ତିରଞ୍ଜନ ସିଂ, କୋଷାଧକ୍ଷ ବସନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସଚ୍ଚିଦାନନ୍ଦ ମହାକୁଡ଼ ଓ ଚିତ୍ତରଞ୍ଜନ ନାଏକ ମଞ୍ଚ ପରିଚାଳନା କରିଥିଲେ। ସୁସଜ୍ଜିତ ଆଲୋକମାଳା ସାଙ୍ଗକୁ ଦୋଳି ଓ ମୀନାବଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସନ୍ଧ୍ୟାରେ ବାଲିଯାତ୍ରା ବୁଲିବାର ମଜା ଉଠାଉଛନ୍ତି ଲୋକେ। ଏହି ବାଲିଯାତ୍ରା ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ବାଲିଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି।



କେନ୍ଦୁଝର ଆକାଶରେ କାର୍ତ୍ତିକ ପୂର୍ଣ୍ଣିମାର ତୋଫା ଜହ୍ନ (ଫଟୋ- ସନ୍ତୋଷ, ତୁରୁମୁଙ୍ଗା)

## ସମବାୟ ସମିତିରେ ଖୋଲିଲା ଜନସେବା କେନ୍ଦ୍ର

**ତେଲକୋଇ,୧୫।୧୧(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସଦର ମହକୁମା ତେଲକୋଇ ସମବାୟ ସମିତିରେ ସରକାରଙ୍କ ପକ୍ଷରୁ ଆଜି ଜନସେବା କେନ୍ଦ୍ର ଓ ମୋ ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କେନ୍ଦ୍ର ସମବାୟ ସମିତିର ଡିଆର୍‌ସିଏସ ଶୁଭ୍ରାଜନ୍ତି ତୁଙ୍ଗା, ଏସ୍‌ଏଆର୍‌ସିଏସ୍ ସୁଶିଲ କୁମାର ନାଏକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମବାୟ ସମିତିରେ ଖୋଲା ଯାଇଥିବା ଜନସେବା କେନ୍ଦ୍ରରେ ଲୋକେ ସରକାରୀ ମୂଲ୍ୟାୟନ ଅନୁଯାୟୀ ସମସ୍ତ ଅନଲାଇନ ସେବା



ପାଇପାରିବେ। ଏହା ସହିତ ସମସ୍ତ ପ୍ରକାର ଉନ୍ନତ ମନର ମଞ୍ଜି, ପ୍ରଧାନ ମନ୍ତ୍ରୀ ଜନ ଔଷଧି ଯୋଜନାରେ ବିଭିନ୍ନ ପ୍ରକାର ଔଷଧ, ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ସୁଲଭ ମୂଲ୍ୟରେ ମିଳିପାରିବ ବୋଲି କୁହାଯାଇଛି। ତେଣୁ ଏହି ସରକାରୀ ବ୍ୟବସ୍ଥାର ଅଧିକରୁ ଅଧିକ ଲାଭ ଉଠାଇବା ପାଇଁ ତେଲକୋଇ ଅଞ୍ଚଳବାସୀ ନୂତନ ଭାବେ ଖୋଲାଯାଇଥିବା ଜନସେବା କେନ୍ଦ୍ରକୁ ଯିବା ପାଇଁ ସମବାୟ ସମିତି ପକ୍ଷରୁ ଆହ୍ୱାନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ତେଲକୋଇ ସମବାୟ ସମିତି ପରିଚାଳକ କେଶବଚନ୍ଦ୍ର ସାହୁ, କୃଷକ ନେତା ଲକ୍ଷ୍ମୀଧର ପ୍ରଧାନ, ସମବାୟ ସମିତି ଡାଇରେକ୍ଟର ନୀଳମଣି ଦେହୁରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

## ଜମୁଛି କାର୍ତ୍ତିକେଶ୍ୱର ପୂଜା ସହ ମେଳା



**ହାଟଡ଼ିହୀ,୧୫।୧୧(ସମିସ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ହାଟଡିହୀ ଅଞ୍ଚଳର ବିଭିନ୍ନ ସରୋବରରେ ଛୋଟବଡ଼ ବୋଇତ ଭସା ଯାଇଛି। ସମ୍ପୂର୍ଣ୍ଣ କାର୍ତ୍ତିକ ମାସର ବ୍ରତଧାରୀ ତଥା ହବିଷ୍ୟାଳୀ ମାନେ ଧର୍ମ ମାସ କାର୍ତ୍ତିକରେ ହବିଷ କରିଥିଲେ। ଗତକାଲି ବାବା ଧବଳେଶ୍ୱରଙ୍କ ଠାରେ ମାନସିକ ରଖିଥିବା ବ୍ରତଧାରୀ ବଡ଼ଓଷା ପୂଜାର୍ଚ୍ଚନା ପରେ ଆଜି ଭୋରରୁ ନିତ୍ୟକର୍ମ ସାରି କାଗଜ, ସୋଲ, କଦଳୀ ପଟୁଆ ଆଦିରେ ତିଆରି ଡଙ୍ଗାରେ ପାନ-ଗୁଆ, ଅରୁଆଚାଉଳ, ଫୁଲ, ବରକୋଳି ପତ୍ର, ଧୂପ-ଦୀପ, ନୈବେଦ୍ୟ ଆଦି ରଖି ପୂଜା କରି ପୋଖରୀ କିମ୍ବା ନଈ ମାନଙ୍କରେ ଭସାଇଛନ୍ତି। ଏହି ଅବସରରେ ହାଟଡିହୀ ତହସିଲ ସମ୍ମୁଖ, ଅଣା ମଠ ନିକଟ, ବଡ଼ରମ୍ପାସ, ସୋସୋ ସ୍ଥିତ ନାଗସରା ପୋଖରୀ, ସଢ଼ା ବୈଦ୍ୟନାଥ ମନ୍ଦିର ନିକଟ, ଶାଳଣିଆଁ, ନସିରପୁର, ଢ଼େଙ୍କା, ପଡ଼ିଆରିପଲ୍ଲୀ, ବଣିଆପଙ୍କ, କୁରାଡ଼ୀଘଷା, ଆଦି ଅଞ୍ଚଳ ଲୋକେ ପୋଖରୀ ମାନଙ୍କରେ ବୋଇତ ଭସାଇ ଥିଲା ବେଳେ ବିଦ୍ୟାଧରପୁର, ବାଙ୍ଗୋର, ଧନୁର୍ଜୟପୁର, ହଦଗଡ଼, ବାଲିବରେଇ, ନୂଆଗାଁ, କାନପୁର, ମରଚାଇପଦା ଆଦି ଗ୍ରାମର ଲୋକେ ସାଳନ୍ଦୀ ନଦୀରେ ବୋଇତ ଭସାଇଥିବା ଦେଖାଯାଇଛି। ଏଥିମଧ୍ୟରେ ହାଟଡ଼ିହୀ, ବଡ଼ରମ୍ପାସ, ନୂଆରମ୍ପାସ, ଅଣା, ମୁଗୁପୁର, ଶାଳଣିଆଁ, ଆବୁଲପୁରା, କରଞ୍ଜବାଟି, ସଢ଼ା, ଚୋରଗ?ଆ, ଭାତକରୁଆ, ବଞ୍ଚୋ, ଶାସଙ୍ଗ ଆଦି ଗାଁ ମାନଙ୍କରେ କାର୍ତ୍ତିକ ପୂର୍ଣ୍ଣମୀ ପୂଜା ଓ ମେଳା ଖୁବ ଚିତାକର୍ଷକ ଭାବେ ଜାମୁଥିବା ଦେଖିବାକୁ ମିଳିଛି

## ବିବେକାନନ୍ଦ ହେଲେ ସାଂସଦ ପ୍ରତିନିଧି



**ସୋସୋ,୧୫।୧୧(ସମିସ):** ହାଟଡିହୀ ବ୍ଲକ ବାଙ୍ଗୋର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଓ ପୂର୍ବତନ ସରପଞ୍ଚ ବିବେକାନନ୍ଦ ରାଉତ ଜଳସେଚନ ବିଭାଗ, ବାଙ୍ଗୋର ଓଏମ୍‌ସି ଓ ସୋସୋ ଥାନା ପାଇଁ କେନ୍ଦୁଝର ସାଂସଦ ଅନନ୍ତ ନାଏକଙ୍କର ପ୍ରତିନିଧି ଭାବେ ନିଯୁକ୍ତି ହୋଇଛନ୍ତି। ଏହାକୁ ନେଇ ବିଭାଗ ଅଧିକାରୀ ଓ ସୋସୋ ଥାନାକୁ ସାଂସଦ ଲିଖିତ ଭାବେ ଜଣାଇଛନ୍ତି। ଶ୍ରୀ ରାଉତ ସାଂସଦ ପ୍ରତିନିଧି ହେବା ପରେ ନିଜର ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇବା ସହିତ ଏ ଅଞ୍ଚଳରେ କିଭଳି ବିକାଶ ହେବ ଓ ଓଏମ୍‌ସି ଖଣିରେ କିଭଳି ବେକାରୀ ଯୁବକ ନିଯୁକ୍ତି ହେବ ସେଥିପ୍ରତି ଦୃଷ୍ଟି ଦେବ ବୋଲି କହିଛନ୍ତି।

## 'ଆମେ ଜାଣିବା ଆମେ ଜିଣିବା'କାର୍ଯ୍ୟକ୍ରମ




**ସୋସୋ,୧୫।୧୧(ସମିସ):** ହାଟଡିହୀ ବ୍ଲକ ପନ୍ଦାଡ଼ୋ ପଞ୍ଚାୟତରେ ଥିବା ବୈଦାଖିଆ ଆଶ୍ରମ ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ତରଫରୁ ଅଭିଭାବକ ଅଂଶୀଦାର 'ଆମେ ଜାଣିବା ଆମେ ଜିଣିବା' ଓ ବିର୍ସା ମୁଣ୍ଡା ୧୫୦ତମ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ୍ମଥ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଏବିଓ ପ୍ରମୋଦ କୁମାର ନାୟକ, ପ୍ରାଣୀଚିକିତ୍ସା କେନ୍ଦ୍ରର ଅଧିକାରୀ, ସିଆର୍‌ସିସି ଅଞ୍ଜନ କୁମାର ଦାସ, ସମିତିସଭ୍ୟ ଅନିରୁଦ୍ଧ ବିଶ୍ୱାଳ, ଫିସରୀ ବିଭାଗର ନିହାର ରଞ୍ଜନ ନାୟକ, ଗଡ଼ଚଣ୍ଡି ଏମ୍‌ଇ ବିଦ୍ୟାଳୟର ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଓଝା, ବ୍ରାହ୍ମଣୀକଳା ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଘଡେଇ, ଶିକ୍ଷା କମିଟିର ଚେୟାରମ୍ୟାନ ସୁଭଦ୍ରା ଘଟୁଆ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଗୌରିଦତ୍ତା ମାଝୀ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ବିଶ୍ୱକଲ୍ୟାଣୀ ରାଉତ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ଧାମୁଡିଆ ଜୀବନ କୌଶଳ ଉପରେ କହିଥିଲେ। ପ୍ରଧାନ ଶିକ୍ଷକ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଅମିୟ ରଞ୍ଜନ ରାଉତ, ଅନ୍ୟ ଶିକ୍ଷକ ଓ କମିଟି ସଦସ୍ୟ ସହଯୋଗ କରିଥିଲେ।

## ହାଟଡିହୀ ଏନ୍‌ପିଏସ୍ ଶିକ୍ଷକ ସଂଘର ବୈଠକ

**ସୋସୋ,୧୫।୧୧(ସମିସ):** ହାଟଡିହୀ ବ୍ଲକର ଏନ୍‌ପିଏସ୍ ଶିକ୍ଷକଙ୍କ ପକ୍ଷରୁ ରାଜକିଶୋର ସ୍ୱାଇଁଙ୍କ ଆବାହକତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୦୧ ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ତ ଏନ୍‌ପିଏସ୍ ଶିକ୍ଷକ ବ୍ୟାଚର ଶିକ୍ଷକ ଶିକ୍ଷୟିତ୍ରୀ ଆଗାମୀ ବୈଠକରେ ଯୋଗଦେବାକୁ କୁହାଯାଇଛି। ଏହି ବୈଠକ ଆସନ୍ତା ଡିସେମ୍ବର ୧ ତାରିଖରେ ବୈଠକ ବସିବାକୁ ସ୍ଥିର କରାଯାଇଛି। ଏହି ସମୟରେ ସୁରେନ୍ଦ୍ର ନାଥ ରାଉତ, ପ୍ରଫୁଲ୍ଲ ସାହୁ, ଅନିରୁଦ୍ଧ ବିଶ୍ୱାଳ, କ୍ଷେତ୍ରବାସୀ ସାହୁ, ପ୍ରଫୁଲ୍ଲ ମଣ୍ଡଳ, ସୁଶାନ୍ତ ଜେନା, ଶଶିଭୂଷଣ ପୁହାଣ, ନଳିନି ମହାନ୍ତି, ପ୍ରଭାକର ବେହେରା, ଶ୍ରୀକାନ୍ତ ପଟ୍ଟନାୟକ, ଦେବାଶିଷ ବାରିକ, ସୁମନ୍ତ ନାୟକ, ରଘୁନାଥ ନାୟକ, ସୂର୍ଯ୍ୟ ସେଠୀ, ଜ୍ଞାନ ବେହେରା, ଭକ୍ତ ଜେନା ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଗାମୀ ବୈଠକରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେବାକୁ ଅନୁରୋଧ କରାଯାଇଛି।

### ଆନନ୍ଦପୁର ପୌର କର୍ତ୍ତୃପକ୍ଷଙ୍କ ନିଘା ନାହିଁ

## ସାଇମାର୍ଗ ରାସ୍ତା ଏବେ ମରଣଯନ୍ତା

**ଆନନ୍ଦପୁର,୧୫।୧୧(ସମିସ):** ରକ୍ଷାଣାବେକ୍ଷଣ ଓ ମରାମତି ହେଉନଥିବାରୁ ଏବେ ସର୍ବସାଧାରଣ ପାଇଁ ମରଣଯନ୍ତା ପାଲଟିଛି। ଏଭଳି ଏକ ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ଆନନ୍ଦପୁର ପୌରାଞ୍ଚଳ ୭ ନଂ ଓାର୍ଡର ସାଇମାର୍ଗ ରାସ୍ତାରେ। ଏହି ରାସ୍ତାରେ ଥିବା ଏକ କଲଭର୍ଟ ଉପରେ ପଡିଥିବା ସ୍ଲାବ୍ ଭାଙ୍ଗିଯାଇଥିବାରୁ ସର୍ବସାଧାରଣ ଯାତାୟତରେ ବ୍ୟାଘାତ ସୃଷ୍ଟି କରିଛି। ସମଗ୍ର ଆନନ୍ଦପୁର ସହରର ଅର୍ଥାତ୍ ୩, ୪, ୫, ୬ ଓ ୭ନଂ ଓାର୍ଡର ବିଭିନ୍ନ ସାହିବସ୍ତିର ଆବର୍ଜନା ଜଳ ଓ ବର୍ଷାଜଳ ଏହି ମୁଖ୍ୟ ଡ୍ରେନରେ ନିଷ୍କାସିତ ହୋଇଥାଏ। ଏହି ଡ୍ରେନର ମଧ୍ୟଭାଗରେ ଥିବା କଲଭର୍ଟ ଉପରିଭାଗ ସ୍ଲାବ ବହୁ ଦୁର୍ବଳ ହୋଇପଡି ଭାଙ୍ଗିଯାଇ ବିପଦ ସଂକୁଳ ହୋଇପଡିଛି। ସଂଧ୍ୟା ପରେ ଏହି ଅନ୍ଧାରିଆ ରାସ୍ତା ଅଜଣା ବାଟୋଇ ଓ ସାଧାରଣ ଲୋକଙ୍କ ପାଇଁ



ଅତ୍ୟନ୍ତ ବିପଦ ସଂକୁଳ ହୋଇପଡିଛି। ଏହି ରାସ୍ତାର ମୁଖ୍ୟ ଡ୍ରେନରେ ଯିବା ଏହି କଲଭଟର ଉପରିଭାଗ ଦୀର୍ଘଦିନ ଧରି ଖୋଲାପଡିଥିଲେ ମଧ୍ୟ ପୌରପରିଷଦ କର୍ତ୍ତୃପକ୍ଷ କିମ୍ବା କର୍ମ.ରୀ ମାନଙ୍କ ଦୃଷ୍ଟି ପଡୁନଥିବା ଚିନ୍ତାର କାରଣ ହୋଇଛି। ପ୍ରତିଦିନ ଏହି ରାସ୍ତାରେ ଶ୍ରୀଉତ୍ତରେଶ୍ୱର, ମା' ଧନେଶ୍ୱରୀ ଦେବୀଙ୍କ ମନ୍ଦିରକୁ ଦର୍ଶନ କରି ଯାଉଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡୁଥିବାରୁ ଅଂଚଳବାସୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଯୋଗ୍ୟ ଯେ, ଗତ କିଛି ଦିନ ତଳେ ଏହି ସାଇମାର୍ଗ ରାସ୍ତାର ମୁକୁଳା ଡ୍ରେନରେ ପଡି ଗଉଡ ସାହିର ଜନୈକ ଯୁବକ ମୃତ୍ୟୁ ବରଣ କରିଥିବା ଘଟଣା ନଜିର ରହିଥିଲେ ମଧ୍ୟ ପୌର ପ୍ରଶାସନ ଏପରି ଏକ କଲଭର୍ଟକୁ ବିପଦ ସଂକୁଳ ଅବସ୍ଥାରେ ପକାଇ ରଖିଥିବା ପରିତାପର ବିଷୟ। ଏଣୁ ପୌର କର୍ତ୍ତୃପକ୍ଷ ଯଥାଶୀଘ୍ର ଏଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି ଜଣାଇଛନ୍ତି।

## ୨୦ରୁ ତିନିଦିନିଆ କୃଷି ଯନ୍ତ୍ରପାତି ମେଳା

**ହାଟଡିହୀ,୧୫।୧୧(ସମିସ):** ଆସନ୍ତା ୨୦, ୨୧ ଓ ୨୨ତାରିଖ ଧରି ଆନନ୍ଦପୁର ଷ୍ଟାଡିୟମରେ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବା ନେଇ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତକରଣ ବିଭାଗଦ୍ୱାରା କୃଷି ଜିଲ୍ଲା ଅଧିକାରୀ, ଆନନ୍ଦପୁର ସୌଜନ୍ୟରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ବିଭିନ୍ନ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ଓ ଉପକରଣ ପ୍ରଦର୍ଶିତ ହେବା ସହିତ ରିହାତି ଦରରେ ବିକ୍ରିର ବ୍ୟବସ୍ଥା କରାଯାଇଛି। ହାଟଡିହୀ ଅଞ୍ଚଳର ସମସ୍ତ ଚାଷୀମାନେ ସୂଚିତ ତାରିଖରେ ମେଳାକୁ ଯାଇ ସରକାରଙ୍କ ତରଫରୁ ମିଳୁଥିବା ରିଆତି ଦରର ଚାଷ ଯନ୍ତ୍ରପାତି ଓ ଉପକରଣ କ୍ରୟ କରିବାକୁ ହାଟଡିହୀ କୃଷି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏଣୁ ହାଟଡିହୀ ଅଞ୍ଚଳର କୃଷକ ମାନେ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହ କୃଷିବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସୁଯୋଗ ନେବାକୁ ହାଟଡିହୀ ବ୍ଲକ କୃଷି ଅଧିକାରୀ ଦେବୀପ୍ରସନ୍ନ ଖୁଣ୍ଟିଆ କହିଛନ୍ତି।



### କାର୍ତ୍ତିକ ପୂର୍ଣ୍ଣିମାରେ ଜଳାଶୟ ଓ ମନ୍ଦିରରେ ପ୍ରବଳ ଭିଡ଼

# ବାବା ବୈଦ୍ୟନାଥ ଓ ମା' କୀଚକେଶ୍ୱରୀଙ୍କ ସୁନାବେଶ

**ବାରିପଦା/ବଡ଼ସାହି/ଶୁକ୍ଳି: ୧୫।୧୧(ସମିସ)**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ସକାଳୁ ବିଭିନ୍ନ ଜଳାଶୟରେ ଓଡ଼ିଆ ପାରମ୍ପରିକ ଡଙ୍ଗା (ବୋଇତ) ଭସାଇବାକୁ ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାରେ ଭିଡ଼ ଲାଗିଥିଲା। ଶ୍ରଦ୍ଧାଳୁମାନେ ଧାର୍ମିକ ମାସ କାର୍ତ୍ତିକ ମାସ ସାରା ଧରମ କାର୍ଯ୍ୟ ସମ୍ପନ୍ନ କରି ବହୁ ଖୁସିର ସହ ଡଙ୍ଗା ଭସାଇଛନ୍ତି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓଡ଼ିଆଙ୍କ ଗୌରବମୟ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରିଥିଲେ। ଏହା ପରେ ଦିଅଁ ଦର୍ଶନ ଓ ପୂଜା ପାଇଁ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ, ମା' ଅମ୍ବିକାଙ୍କ ମନ୍ଦିର, ରାଧାମୋହନ ମନ୍ଦିର, ମା' କୀଚକେଶ୍ୱରୀ ମନ୍ଦିର, ଜ୍ୱାଳାମୁଖୀ ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ସହରର ବିଭିନ୍ନ ମନ୍ଦିରରେ ମଧ୍ୟ ଅନୁରୂପ ବ୍ୟବସ୍ଥାରେ ଭକ୍ତଗଣ ଦିଅଁ ଦର୍ଶନ କରିଥିଲେ। ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା ଓ ଅଷ୍ଟମ ପ୍ରହର ନାମ ଯଜ୍ଞର ଆୟୋଜିତ ହୋଇଛି। ମାଣତ୍ରୀ ସ୍ଥିତ ବାବା କଖାରୁଆ ବୈଦନାଥଙ୍କ ପୀଠରେ ପଞ୍ଚୁକ ସ୍ୱତନ୍ତ୍ର ପରମ୍ପରା ଅନୁଯାୟୀ ଏକାଦଶୀଠାରୁ ଆରମ୍ଭ ହୋଇଥିବା ଶିବ ଲିଙ୍ଗରେ ବେଲପତ୍ର ସହିତ ତୁଳସୀ ଲାଗି ଶୁକ୍ରବାର ସମ୍ପନ୍ନ ହୋଇଛି। ରାତିରୁ ନୀତିକାନ୍ତି ସମାପ୍ତ ପରେ ଭୋରରେ ମନ୍ଦିର ଖୋଲିଥିଲା। ପୂଜାନୀତି ସମ୍ପନ୍ନ ପରେ ସାଧାରଣ ପୂଜା ଓ ଦର୍ଶନ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ସନ୍ଧ୍ୟାରେ ମହାଦେବଙ୍କ ସୁନାବେଶ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ମାଜିଷ୍ଟ୍ରେଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବେତନଟୀ ଉପକୋଷାଗାରରୁ ମହାଦେବ ଗହଣାଗାଣ୍ଠି ଅଣାଯାଇ ଦୁର୍ଲଭ ସୁନାବେଶ କରାଯାଇଥିଲା। ସେହିପରି ଖିଚିଂ ସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' କୀଚେକେଶ୍ୱରୀଙ୍କ ସୁନାବେଶ ମଧ୍ୟ ଅନୁଷ୍ଠିତ ହୋଇଛି। ଯାହାକି ଅତି ଦୁର୍ଲ୍ଲଭ ଦର୍ଶନ ଥିବା ବେଳେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି।







## ୫୪୭ତମ ମାସିକ ସନ୍ଥ ଦିବସ ପାଳିତ



**ବାରିପଦା, ୧୫।୧୧(ସମିସ):** ସଦ୍‌ଭାବନା ସମିତି ଆନୁକୂଲ୍ୟରେ ପୂର୍ବ ମାସ ଭଳି ପୂର୍ଣ୍ଣମୀ ତିଥିରେ ମଧୁବନ ବରିଷ୍ଠ ନାଗରିକ ସଂଘ ସଭା ଗୃହରେ ୫୪୭ତମ ମାସିକ ସନ୍ଥ ଦିବସ ଇଂ. ସର୍ବେଶ୍ୱର ଭୂୟାଁଙ୍କ ପୌରୋହିତ୍ୟରେ ପାଳିତ ହୋଇଛି। ପ୍ରଥମେ ଏ ମାସରେ ଆବିର୍ଭାବ ସନ୍ଥ ନାନକ, ସନ୍ଥ ଏକନାଥଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। 'ଅକ୍ଷୟ ହେଉ ପୁଣ୍ୟ ଜଗତେ, ପାପର ହେଉ କ୍ଷୟ' ପ୍ରସଙ୍ଗ ଉପରେ ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ବିଭିନ୍ନ ବାଣୀ ରଖିଥିଲେ। ମୁଖ୍ୟ ପ୍ରବକ୍ତା ଭାବେ ବେଦବେତ୍ତା ଆଚାର୍ଯ୍ୟ ବିଜୟଜୀ ଓ ସମ୍ମାନିତ ପ୍ରବକ୍ତା ଭାବେ ଡ ବିଜୟ କୁମାର ଅଗରୱାଲା, ଗାୟତ୍ରୀ ପରିବାରର ଗଗନ ବିହାରୀ ବେହେରା, ବ୍ରହ୍ମ କୁମାରୀ ମାମୁନୀ ଓ ମୁନି ସମାଜର ଶିରୀଷ ଚନ୍ଦ୍ର ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସତ୍ୟାନନ୍ଦ ଶେଜପଡ଼ା ସ୍ୱାଗତ, ଇଂ.ସରୋଜ କୁମାର ଦଣ୍ଡପାଟ ସାଧୁବାଦ ଓ ସଦସ୍ୟ ବିକ୍ରମ କେଶରୀ ଜେନା ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ସମସ୍ତଙ୍କୁ ପୁସ୍ତିକା ବଣ୍ଟନ କରାଯାଇଥିଲା।

## ସଂକ୍ରାନ୍ତିରେ ଛାଡ଼ଖାଇ; ରବିବାରରେ ଜମିବ

**ବାରିପଦା, ୧୫।୧୧(ସମିସ):** କାର୍ତ୍ତିକ ମାସ ଶେଷ ପରେ ଲୋକେ ଛାଡଖାଇ ପାଳନ କରିଥାନ୍ତି। ହେଲେ ଚଳିତ ବର୍ଷ ଶନିବାର ଏବଂ ସଂକ୍ରାନ୍ତିରେ ଛାଡଖାଇ ପଡ଼ିଥିôବାରୁ ଫିକା ପଡ଼ିବା ଆଶଙ୍କା ଦେଖାଦେଇଛି। ଶନିବାର ଓ ସଂକ୍ରାନ୍ତି ପାଇଁ ଅନେକ ଲୋକ ଛାଡ଼ଖାଇ ପାଳନ କରୁ ନ ଥିବାରୁ ବାରିପଦା ସହରର ଆମିଷ ବଜାର ମାନ୍ଦା ରହିବ। କାର୍ତ୍ତିକ ମାସରେ ମାସକ ଯାକ ପାଟିରେ ଟିକେ ଆମିଷ ବାଜି ନଥିବାରୁ ଛାଡ଼ଖାଇରେ ଘରକୁ ଭଳିକି ଭଳି ଆମିଷ ଆଣିବାର ଯୋଜନା ଲୋକେ କରିଛନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଖୁବ୍ ଆଗ୍ରହ ରହିଥିବା ବେଳେ ତାହା ଫିକା ପଡ଼ିବ। ତଥାପି କିଛି ଲୋକେ ଛାଡ଼ଖାଇ ମାନିବେ। ଅଧିକାଂଶ ଲୋକେ ରବିବାର ଆମିଷ ବାରକୁ ଛାଡ଼ଖାଇ ଭାବେ ପାଳନ କରିବାକୁ ଅନେଇ ବସିଛନ୍ତି। ଗୁରୁବାର ବଡ଼ଓଷା, ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଶନିବାର ସଂକ୍ରାନ୍ତି ପଡୁଥିବାରୁ ଛାଡ଼ଖାଇ ରବିବାର ପାଳନ କରିବା ନେଇ ଆଶା ରଖିଛନ୍ତି ବ୍ୟବସାୟୀ। ତେବେ ବାରିପଦାରେ ଆମିଷ ବେପାରୀ ଚଳିତଥର ଖାସି ସହ ରୋହି, ଭାକୁର, ପାମ୍ଫ୍ଲେଟ୍, ଇଲିସି ଓ ଚାନ୍ଦି ମାଛ ବରାଦ ଦେଇଛନ୍ତି। ତେବେ ଛାଡ଼ଖାଇରେ ମାଂସ ଅପେକ୍ଷା ମାଛର ଚାହିଦା ବେଶି ରହିଥାଏ। ଏଥିସହିତ ବାରିପଦାର ବିଭିନ୍ନ ତାରକା ହୋଟେଲରୁ ଚାଳିଆ ହୋଟେଲ ପର୍ଯ୍ୟନ୍ତ ବି ସ୍ୱତନ୍ତ୍ର ଛାଡ଼ଖାଇ ଆମିଷ ମେନ୍ୟୁ ସହ ପ୍ରସ୍ତୁତ ହେଉଛନ୍ତି। ମଟନ୍, ଚିକେନ୍, ଚିଙ୍ଗୁଡ଼ି ପୋଡ଼ା, କଙ୍କଡ଼ା ଝୋଳ ତ କେଉଁଠି କବାବ, ଟିକା, ଛେଳି ଗୋଡ଼, ମୁଣ୍ଡ ଫ୍ରାଇ ଆଦି ବିକ୍ରି ହେବ ବୋଲି ଜଣାପଡ଼ିଛି। ଧର୍ମର ମାସ ସରିବା ପରେ ଛାଡ଼ଖାଇକୁ ଦୃଷ୍ଟିରେ ରଖି ପୂର୍ବ ଦିନରୁ ଆମିଷର ଚଢା ଦର ରହିବ। ତେବେ ରବିବାର ଲୋକେ ଛାଡ଼ଖାଇ ମାନିବେ ଆମିଷ ବାରରେ ଘରକୁ ଭଳି ଭଳି ଆମିଷ ନେବାକୁ ଲୋକେ ଯୋଜନା କରିଛନ୍ତି; ଯାହାକୁ ନେଇ ଆମିଷ ବଜାରରେ ଲୋକଙ୍କ ଭିଡ଼ ପାଇଁ ଦୋକାନୀ ମଧ୍ୟ ପ୍ରସ୍ତୁତ ରହିଛନ୍ତି।

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ଗଣଦୌଡ଼



**ବାରିପଦା, ୧୫।୧୧(ସମିସ):** ସହିଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଗଣଦୌଡ଼ ଶୁଭାରମ୍ଭ ହୋଇଛି। ପୋଡାଅସ୍ତିଆ ସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥଳରୁ ପୂଜାର୍ଚ୍ଚନା କରାଯାଇ ଏହି ଗଣଦୌଡ଼ ଶୁଭାରମ୍ଭ କରାଯାଇଥିଲା। ଏଥିରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି ଯୋଗ ଦେଇ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଛେନାଧୁଆ ଗ୍ରାମ ବିର୍ସା ମଇଦାନରେ ଗଣଦୌଡ ଶେଷ ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରୁ ୮୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କମିଟି ସଭାପତି ରାଜେନ୍ଦ୍ର ସିଂ ପୌରୋହିତ୍ୟରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସାରସକଣା ବିଧାୟକ ଭାଦବ ହାଁସଦା, ପୂର୍ବତନ ଏସଡିସି ଅଧ୍ୟକ୍ଷ ଡା ଦେବାଶିଷ ମାର୍ଣ୍ଡି, ବାରିପଦା ବ୍ଲକ ଅଧ୍ୟକ୍ଷ ସୁନ୍ଦର ମୋହନ ସିଂ, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ଦୁର୍ଗାଚରଣ ମାର୍ଣ୍ଡି, ସରପଞ୍ଚ ଫକୀର ସିଂ, ସାମରା ଜାମଡା ସଭାପତି ନନ୍ଦଲାଲ ସିଂ, ଭାରତ ମୁଣ୍ଡା ରାଜ୍ୟ ଉପସଭାପତି ମନୋଜ ମୁଣ୍ଡା ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଅମର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୭ରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗିଫୁଲ'

**ବାରିପଦା, ୧୫।୧୧(ସମିସ):** ଶିଶୁଙ୍କ ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ କରିବାରେ 'ସର୍ଗିଫୁଲ' କାର୍ଯ୍ୟକ୍ରମ ସଫଳ କରିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବିସ୍ତୃତ ଆଲୋଚନା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁସୂଚଏତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗର ଅଧିନରେ ପରିଚାଳିତ ସମସ୍ତ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ହାଇସ୍କୁଲ ଅନ୍ୱେଷାର ପ୍ରଧାନ ଶିକ୍ଷକ, ଏକଲବ୍ୟ ମଡେଲ ସ୍କୁଲ ଓ ଉଚ୍ଚତର ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ସମସ୍ତ ଉପଖଣ୍ଡର ଅତିରିକ୍ତ ମଙ୍ଗଳ ଅଧିକାରୀ ତଥା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ୨୭ରେ ରାଣୀଭୋଳ ଉଚ୍ଚ ବାଳିକା ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପୂର୍ବରୁ ଉପଖଣ୍ଡ ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମକୁ ଶେଷ କରି କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ



ଅଂଶ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ନୃତ୍ୟ, ଗୀତ, ବକ୍ତୃତା, ଏକକ ଅଭିନୟ, କୁଇଜ, ସ୍ଲୋଗାନ, ଲିଖନ, ଭଲିବଲ, ବିଜ୍ଞାନ ମେଳା ଆଦି ୧୪ଟି ପ୍ରତିଯୋଗିତାରେ ମନୋନୀତ ହୋଇ ଡିସେମ୍ବର ୧୮, ୧୯ ଓ ୨୦ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ସରଗିଫୁଲ ଉତ୍ସବରେ ଅଂଶ ଗ୍ରହଣ କରିବେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ସଫଳ ଓ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ କମିଟି ମାନ ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଛି। ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘର ଉପଦେଷ୍ଟା ଦୀପକ କୁମାର ଦଣ୍ଡପାଟ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ସମ୍ପାଦକ ଧ୍ରୁବଚରଣ ମୁର୍ମୁ, ଉପଦେଷ୍ଟା ଦେବେନ୍ଦ୍ର ନାଥ ପଣ୍ଡା, ବିଶ୍ୱନାଥ ସାହୁ, ଜୟନ୍ତ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସାଇ ବିଦ୍ୟାମନ୍ଦିରରେ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ



**ବାରିପଦା, ୧୫।୧୧(ସମିସ):** ସାଇ ବିଦ୍ୟାମନ୍ଦିରରେ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କ୍ଷେତ୍ରରେ ଐତିହାସିକ ସଫଳତା ଲାଭ କରିଥିବା ଏହି ଶିକ୍ଷାନୁଷ୍ଠାନ ସ୍ୱାସ୍ଥ୍ୟର ଯତ୍ନ ନିମନ୍ତେ ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଆଣିବା ପାଇଁ ପ୍ରୟାସ ଜାରିରଖିଛି। ପ୍ରଶିକ୍ଷକ ଡଃ ଗଜେନ୍ଦ୍ର କୁମାର ନନ୍ଦ ଯୋଗଦାନ କରି ପ୍ରାଥମିକ ଚିକିତ୍ସା ବିଷୟକ ସମସ୍ତ ତଥ୍ୟ ପ୍ରାଞ୍ଜଳ ଭାବରେ ମତବ୍ୟକ୍ତ କରିବା ସହ ସାମ୍ୟକ ପରୀକ୍ଷାମୂଳକ ପ୍ରଶିକ୍ଷଣ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡଃ ପ୍ରଭଞ୍ଜନ ରାଉତ ଗୁଣାତ୍ମକ ଶିକ୍ଷାର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। ଏଥି ସହିତ 'ଉତ୍କର୍ଷ' ଜରିଆରେ ଆଗାମୀ ଦିନରେ ଏହାକୁ ଜନମାନସରେ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ଅଧ୍ୟକ୍ଷ ଅକ୍ଷୟ ଖିଲାର, ପ୍ରଧାନ ଶିକ୍ଷକ ଆଶିଷ କୁମାର ହୋତା, ସିଇଓ ପ୍ରତୀଚି ରଞ୍ଜନ ରାଉତ, ଚିତ୍ତରଞ୍ଜନ ରାଉତ, ଚକ୍ରଧର ରାଉତ, ମନୋରଞ୍ଜନ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ୧୬ ବର୍ଷରୁ କମ୍ ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଡିଆରକେ କ୍ରିକେଟ୍ ଏକାଡେମୀ ଚାମ୍ପିଅନ

**ବାରିପଦା, ୧୫।୧୧(ସମିସ):** ବାରିପଦା ମଧୁବନ ମିନି ଷ୍ଟାଡିୟମରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଗତ ୧୧ ତାରିଖରୁ ଆରମ୍ଭ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଦିବସରେ ଡିଆରକେ କ୍ରିକେଟ ଏକାଡେମୀ ଓ ସେଣ୍ଟ ଆନିଷ ସ୍କୁଲ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଡିଆରକେ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୪୦ ରନ କରିଥିଲା। ସେଣ୍ଟ ଆନିଷ ୧୧୮ ରନରେ ଅଲଆଉଟ ହୋଇଥିବା ବେଳେ ଡିଆରକେ ଚାମ୍ପିଅନ ହୋଇଛି। ଏଥିରେ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ବିଜୟୀ ଓ





ରନର୍ସ ଅପ୍ ଟିମକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ନଗରପାଳ ଶ୍ରୀ ମହାନ୍ତି କ୍ରୀଡ଼ାର ବିକାଶ ନିମନ୍ତେ ମଧୁବନ ମିନି ଷ୍ଟାଡିୟମରେ ବିସିଏକୁ ଖେଳିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଏଥିସହିତ ଷ୍ଟାଡିୟମର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଦାୟିତ୍ୱ ପ୍ରଦାନ କରିଛନ୍ତି। ବାରିପଦା କ୍ରିକେଟ ଏକାଡେମୀ (ବିସିଏ) ପକ୍ଷରୁ ପ୍ରଥମ କରି ୧୬ ବର୍ଷରୁ କମ୍ ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ୩ଟି ସ୍କୁଲ ଓ ୪ଟି କ୍ରିକେଟ ଏକାଡେମୀ ଅଂଶଗ୍ରହଣ କରିଥିଲେ। ଆଗାମୀ ବର୍ଷରେ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଓ ଆନ୍ତଃ ଏକାଡେମୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ ବୋଲି ବିସିଏ ପକ୍ଷରୁ କୁହାଯାଇଛି। ପୁରସ୍କାର ବାବଦରେ ଚାମ୍ପିଅନ ଦଳକୁ ୨୧ହଜାର ଓ ରନର୍ସ ଅପ୍‌କୁ ୧୫ହଜାର ଟଙ୍କା ପ୍ରଦାନ କରାଯିବ। ବାରିପଦା କ୍ରିକେଟ ଏକାଡେମୀର ସଭାପତି ବିକ୍ରମ କେଶରୀ ଜେନା, ସମ୍ପାଦକ ସୁଶାନ୍ତ ଦାସ, ସଞ୍ଜୟ ସିଂ, ସାଇବା ସିଂ, ହେମନ୍ତ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମ୍ପାୟର ଭାବେ ଅମିତାଭ ମହାନ୍ତି, ଏସକେ ଲାଇକ ଉଦ୍ଦିନ ଏବଂ ଘୋଷକ ଭାବେ ଦୀପକ ଦାସ ଓ ସ୍କୋରର ଭାବେ ସମ୍ବିତ ମହାରଣା କାର୍ଯ୍ୟ ତୁଲାଇଥିଲେ।

## ଓମ୍ଫାଡିସି ପକ୍ଷରୁ ଉଦ୍ୟୋଗୀକରଣ ତାଲିମ ଶିବିର





**ବାରିପଦା, ୧୫।୧୧ (ସମିସ):** ଓଡ଼ିଶା ଖଣିଜ ସମ୍ପଦ ବିକାଶ ନିଗମ (ଓମ୍ଫାଡିସି) ସହାୟତାରେ କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ -୧ ଶାମାଖୁଣ୍ଟା ତରଫରୁ ଉନ୍ନତ ବିହନ ଉତ୍ପାଦନ ଏବଂ ପଞ୍ଜୀକରଣ ସମ୍ବନ୍ଧୀୟ ଏକ ୪ ଦିନିଆ ଏକ ବୈଷୟିକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୪ଟି ଏଫପିଓରୁ ୨୦ ଜଣ ଆଗ୍ରହୀ ସେବାଭୁକ୍ତ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡଃ. ସଂଘମିତ୍ରା ପଟ୍ଟନାଏକଙ୍କ ପୌରୋହିତ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ଜିଲ୍ଲାର ବିହନ ପ୍ରମାଣ ଅଧିକାରୀ ରତ୍ନାକର ହରିଚନ୍ଦନ ଓ ସହକାରୀ ବିହନ ପ୍ରମାଣ ଅଧିକାରୀ ଦୀପତିଶ କୁମାର ସାହୁ ଯୋଗଦାନ ଦେଇଥିଲେ। ଅନ୍ତିମ ଦିନରେ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। କେନ୍ଦ୍ର ପାଣିପାଗ ବିଶେଷଜ୍ଞ ଡଃ. ଜ୍ୟୋତି ପ୍ରକାଶ ମିଶ୍ର ଓ ଓମ୍ଫାଡିସିର ସହକାରୀ ପ୍ରବନ୍ଧକ ସିଦ୍ଧାର୍ଥ ସର୍ଦ୍ଦାରଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀଙ୍କ ସହାୟତାରେ ତାଲିମ ଶେଷ ହୋଇଥିଲା।

## ଆଳୁ ବିହନ ଗାଡ଼ି ଫେରାଇଦେଲା ଉଦ୍ୟାନ ବିଭାଗ

**ମହୁଲଡିହା, ୧୫।୧୧(ସମିସ):** ଚାଷ ପାଇଁ ଆସିଥିବା ଏକ ଆଳୁ ବିହନ ଟ୍ରକକୁ ଫେରାଇ ଦେଇଛି ଉଦ୍ୟାନ ବିଭାଗ। ଛୋଟ ଓ ଖରାପ ଆଳୁ ଥିବା କାରଣରୁ ଫେରାଗଲା ବୋଲି ସହକାରୀ ଉଦ୍ୟାନବିତ ସୁଜନ କୁମାର ନରେନ୍ଦ୍ର କହିଛନ୍ତି। ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନ ୧୧ ଟା ବେଳେ ଜାତୀୟ ବିହନ କେନ୍ଦ୍ର ଆସାମରୁ ଆଳୁ ଗାଡି ପହଞ୍ଚିବା ପରେ ଚାଷୀଙ୍କ ସାମନାରେ ଓଜନ କରାଯାଇ ନମୁନା ଯାଞ୍ଚ କରାଯାଇଥିଲା; କିନ୍ତୁ ସେଥିରୁ ପ୍ରତି ୫୦ କିଗ୍ରା ବସ୍ତାରେ ୧୫ କିଗ୍ରା ଅତି ଛୋଟ ଓ ଖରାପ ଆଳୁ ବାହାରିଥିଲା। ପରେ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ସମସ୍ତଙ୍କ ନିଷ୍ପତ୍ତି କ୍ରମେ ପୁଣି ଆଳୁ ବୋଝେଇ କରାଯାଇଥିଲା। ଚାଷୀମାନେ ନିଜେ ଆଣିଥିବା ଗାଡି ଫେରାଇ ନେଇଥିଲେ। ଆଗାମୀ ୨ /୩ ଦିନ ମଧ୍ୟରେ ଆଳୁ ପୁଣି ଆସିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।



# କୁଷ୍ଠ ଚିହ୍ନଟ ଅଭିଯାନ ପାଇଁ ସମନ୍ୱୟ କମିଟି ବୈଠକ

**ବାରିପଦା, ୧୫।୧୧(ସମିସ)**

ଆସନ୍ତା ୧୮ରୁ ୨୯ ତାରିଖ ଯାଏ ହେବାକୁ ଯାଉଥିବା କୁଷ୍ଠ ଚିହ୍ନଟ ଅଭିଯାନ ଉପଲକ୍ଷେ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତେ ହୋଇଥିଲା। ଗତ ୨୦୨୩-୨୪ ବର୍ଷରେ ୬୬୯ ଜଣ ନୂତନ କେଶ୍ ଚିହ୍ନଟ ହୋଇଥିଲା ବେଳେ ଚଳିତ ବର୍ଷ ୨୦୨୪-୨୫ ବର୍ଷ ପାଇଁ ସେପ୍ଟେମ୍ବର ସୁଦ୍ଧା ୧୯୮ ଜଣଙ୍କୁ ଚିହ୍ନଟ କରାଯାଇଛି। ଏହି ଅଭିଯାନରେ ମୟୂରଭଞ୍ଜର ୨୨ଟି ବ୍ଲକକୁ ସାମିଲ କରାଯାଇଛି। ଡିସେମ୍ବର ୫ ସୁଦ୍ଧା ପରୀକ୍ଷା ଶେଷ ହେବ ଏବଂ ୧୩ ସୁଦ୍ଧା ଚୂଡାନ୍ତ ରିପୋର୍ଟ ଦାଖଲ କରାଯିବ। ଜିଲ୍ଲାର ୨୨ଟି ବ୍ଲକର ୩୧୭୦ ଗାଁର ୨୨, ୪୭, ୦୭୮ ଲୋକ ସଂଖ୍ୟାକୁ ନେଇ ୬୦ଟି ପିଏଚସି ସବ୍‌ସେଣ୍ଟର ଅନ୍ତର୍ଗତ ଅଞ୍ଚଳରେ ୮୨ ଜଣ ମେଡ଼ିକାଲ ଅଧିକାରୀ, ୨୭୪୩ ଜଣ ଆଶା, ୪୯୧ ଜଣ ହେଲଥ୍ ୱାର୍କର ସମେତ ହେଲଥ୍ ସୁପର ଭାଇଜର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ଜରିଆରେ ଏହି ଅଭିଯାନରେ କୁଷ୍ଠ ଚିହ୍ନଟ କାର୍ଯ୍ୟକ୍ରମ ସମ୍ପାଦନ କରାଯିବ।



ଏଥିପାଇଁ ବ୍ଲକ ଓ ଜିଲ୍ଲା ସ୍ତରରେ ସମ୍ପୃକ୍ତ କର୍ମଚାରୀଙ୍କୁ ନେଇ ତାଲିମ ଶେଷ ହୋଇଛି। ଏହି ସର୍ଭେରେ ସମ୍ପୃକ୍ତ ହେବାକୁ ଥିବା ସମସ୍ତ କର୍ମଚାରୀ, ଅଧିକାରୀମାନଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ବନ୍ଧରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଡା. ଶାନ୍ତନୁ କୁମାର ଦାଶ ଓ ଡା. ମିତା ମିଶ୍ର ଅଭିଯାନ ପାଇଁ ପ୍ରସ୍ତୁତି ଓ କାର୍ଯ୍ୟକାରୀତା ସମ୍ବନ୍ଧରେ ଉପସ୍ଥାପନ ରଖିଥିଲେ। ଡିପିଏମ୍ ବିଶ୍ୱରଞ୍ଜନ ରାଉତଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ବାଘୁଣୀ 'ଯମୁନା' ପାଇଁ ଯଶିପୁରରୁ ଢୁକୁରାକୁ ଅଣାଗଲା ଯନ୍ତା

# ଗତିବିଧି ନଜର ରଖିବା ପାଇଁ ୨ ଅଧିକାରୀ ନିୟୋଜିତ

ବାରିପଦା, ୧୫ା୧୧(ସମିସ)



ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର ଅଞ୍ଚଳରେ ଛଡାଯାଇଥିବା ମହାବଳ ବାଘୁଣୀ 'ଯମୁନା' ପାଇଁ ଯଶିପୁରରୁ ଢୁକୁରା ବନବିଭାଗକୁ ଯନ୍ତା ଅଣାଯାଇଛି। ବଫର ଅଞ୍ଚଳକୁ ପ୍ରବେଶ କରିବା ମାତ୍ରେ ଖୁବଶୀଘ୍ର ଧରିବା ପାଇଁ ବନବିଭାଗର ଟିମ ପ୍ରସ୍ତୁତ ରହିଛନ୍ତି। ଗୋଟିଏ ପଟେ ପର୍ଯ୍ୟଟକ ଆକ୍ରମଣ ଘଟଣାକୁ ବନବିଭାଗ ଗୁଜବ କହି ଖଣ୍ଡନ କରୁଥିବା ବେଳେ ଅଞ୍ଚଳବାସୀ ପକ୍ଷରୁ 'ଯମୁନା'ର ଚଳପ୍ରଚଳକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଗୋଟିଏ ପରିବେଶରୁ ଅନ୍ୟ ଏକ ପରିବେଶକୁ ଅଣାଯାଇଥିବା ବାଘୁଣୀ ପାଇଁ ପ୍ରଣୀତ ବ୍ୟବସ୍ଥାରେ ତ୍ରୁଟି ଥିବା ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଆଶଙ୍କା କରିଛନ୍ତି। ଶୁକ୍ରବାର ଯଶିପୁରରୁ ବନ୍ୟପ୍ରାଣୀ ଉଦ୍ଧାରକାରୀ ଦଳ ଏକ ସ୍ୱତନ୍ତ୍ର ଭ୍ୟାନରେ ଯନ୍ତା ଢୁକୁରା ବନ୍ୟପ୍ରାଣୀ ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏହି ଆଶଙ୍କା ସତ ହେବାକୁ ଯାଉଛି। ଶିମିଳିପାଳରେ ବାଘବଂଶ ବୃଦ୍ଧି ପାଇଁ ମହାରାଷ୍ଟ୍ରରୁ 'ଯମୁନା'କୁ ଅଣାଯାଇ ଗତ ୨୮ ତାରିଖରେ ଅଭୟାରଣ୍ୟର ଗୁଡୁଗୁଡିଆ ନିକଟ କୋର ଅଞ୍ଚଳର ଏକ ହେକ୍ଟର ପରିଧି ମଧ୍ୟରେ ନିର୍ମିତ ଏନକ୍ଲୋଜରରେ ଛଡାଯାଇଥିଲା। ଶିକାର କରିବା ପାଇଁ ବାଘୁଣୀର ଏନକ୍ଲୋଜରରେ ୩ଟି ବାର୍‌ହା ଛଡାଯାଇଥିଲାବେଳେ ବିଭାଗକୁ ସଫଳତା ମିଳିଥିଲା। ତାର ହିଂସ୍ର ପ୍ରକୃତି ଓ ଜୀବନ ଶୈଳୀର ଆଚରଣ ଫେରିବା ପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର କୋର ଅଞ୍ଚଳରେ ଛଡାଯାଇଛି। ତାକୁ ଛଡା ଯିବା ପରେ ସ୍ୱତନ୍ତ୍ର ଗାଡି (କ୍ୟାମ୍ପର)ରେ ବିଶେଷଜ୍ଞମାନେ ବୁଲି ବାଘୁଣୀର ଗତିବିଧିକୁ ନଜରରେ ରଖିବା ପାଇଁ ଦୁଇଜଣ ଅଧିକାରୀ ନିୟୋଜିତ ରହିଛନ୍ତି। ସେଥି ମଧ୍ୟରୁ ଆରସିସିଏଫ ଡ.ଗୋଗିନେନୀ ଓ ସ୍ୱାସ୍ଥ୍ୟ ବିଭାଗର ଡାକ୍ତରଙ୍କ ତଦାରଖରେ ୩ଟି ଟିମ୍ ପ୍ରସ୍ତୁତ କରାଯାଇଛି। ପାହାଡିଆ ଦୁର୍ଗମ ଅଞ୍ଚଳ ପାଇଁ ଦରକାର ପଡ଼ିଲେ ବିଭାଗୀୟ ତାଲିମପ୍ରାପ୍ତ ହାତୀର ସହାୟତା ନିଆଯାଇପାରେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ୨୪ ଘଣ୍ଟା ଅନ୍ତରରେ ୩ଟି ଟିମ ପାଳିକରି ଦାୟିତ୍ୱ ତୁଲାଉଛନ୍ତି। ଶିମିଳିପାଳ ଅଭୟାରଣ୍ୟରେ ୧୨ଶହ ବର୍ଗ କିମି ପରିସରରେ ଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବାଘ ସଂଖ୍ୟା ବୃଦ୍ଧି ପାଇବାରେ ଏକ ପ୍ରକୃଷ୍ଟ ଜଙ୍ଗଲ ହୋଇଥିଲେ ହେଁ ପରିବେଶ ସହିତ ଖାପ ନଖୁଆଇ ଯମୁନା ୪ଦିନ ପୂର୍ବେ କୋର ଅଞ୍ଚଳର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀର ଆଖପାଖ ସ୍ଥାନରେ ବୁଲୁଥିବା ସମୟରେ ଆକ୍ରମଣ କରିଥିବା ନେଇ ପ୍ରତ୍ୟକ୍ଷଦର୍ଶୀ କହିଥିଲେ। ତେବେ ଜନଗହଳି ଥିବା ପର୍ଯ୍ୟଟକମାନେ ପାଟିତୁଣ୍ଡ କରିବାରୁ ଯମୁନା ଅଞ୍ଚଳ ଛାଡି ପଳାଇଯାଇଥିଲା। ଫଳରେ ପର୍ଯ୍ୟଟକ ଜଣକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଆଖପାଖ ଅଞ୍ଚଳରେ ମହାବଳ ବାଘର ଉପସ୍ଥିତିକୁ ନେଇ ଖବର ପ୍ରଚାରିତ ହୋଇଥିଲା। ତେବେ ଯମୁନାର ଗତିବିଧି ଉପରେ ନଜର ରଖୁଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ଡା. ପ୍ରକାଶ ଚାନ୍ଦ ଗୋଗିନେନୀ ଘଟଣାକୁ ଗୁଜବ ବୋଲି ଶୁକ୍ରବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। କୋର୍ ଅଞ୍ଚଳରେ ବାଘୁଣୀ ଯମୁନାକୁ ଛଡାଯିବା ପରେ ସେ ନିଜର ଟେରିଟୋରିଆଲ୍ ପ୍ରସ୍ତୁତ କରିବା ପାଇଁ ପ୍ରୟାସ ଜାରି ରଖିଛି। ପର୍ଯ୍ୟଟନ ସ୍ଥଳୀଟି କୋର୍ ଅଞ୍ଚଳରେ ରହିଥିବାରୁ ସେଠାରେ ଯମୁନା ପ୍ରବେଶ କରିବା ସ୍ୱାଭାବିକ କଥା ବୋଲି ପରୋକ୍ଷରେ ସ୍ୱୀକାର କରିଛନ୍ତି। ନିଜର ସୁରକ୍ଷିତ ଅଞ୍ଚଳ ବାଛିବା ପାଇଁ ଯମୁନାକୁ କିଛି ଦିନ ସମୟ ଲାଗିବ। ଖାଦ୍ୟ ପାଇଁ ଶିକାର କରିବା ଉଦ୍ଦେଶ୍ୟରେ ଯମୁନା ବୁଲୁଥିବା ବେଳେ ତାର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ଦିଆଯାଇଛି। ସେହିପରି ଗୋଟିଏ ନୂଆ ଅଞ୍ଚଳରେ ବାଘୁଣୀକୁ ଛଡାଯିବା ପରେ କୌଣସି ଅଘଟଣ ପୂର୍ବରୁ ତାକୁ ଜରୁରୀକାଳୀନ ଭିତିରେ କାବୁ କରିବା ପାଇଁ ଯନ୍ତା ଓ ଡାକ୍ତରୀଦଳକୁ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ବନବିଭାଗର ସ୍ୱତନ୍ତ୍ର ଟିମ ଯମୁନାର ଗତିବିଧି ଉପରେ ସତର୍କତା ଅବଲମ୍ବନ କରୁଛନ୍ତି ବୋଲି କହିଥିଲେ। ତେବେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ବଫର ଅଞ୍ଚଳରେ ବସବାସ କରୁଥିବା ସ୍ଥାନକୁ ଯମୁନାର ଅନୁପ୍ରବେଶ ଘଟିଲେ ବନବାସୀ ଓ ଯମୁନାର ଜୀବନ ପ୍ରତି ବିପଦ ରହିଥିବାରୁ ତା' ପୂର୍ବରୁ ବାଘୁଣୀକୁ କାବୁ କରିବାକୁ ଯନ୍ତା ସହିତ ଟିମ ଆଲର୍ଟ ରଖାଯାଇଛି ବୋଲି ଜଣାପଡ଼ିଛି।

## ଚାକିରି ଦେବା ନାମରେ ଟଙ୍କା ଆତ୍ମସାତ୍ ଘଟଣା

# ଯୁବକଙ୍କୁ ନିର୍ଘାତ ପିଟିଲେ; ବୋଳିଲେ ଚୂନକଳା

**କପ୍ତିପଦା, ୧୫ ।୧୧(ସମିସ):** କମ୍ପାନୀରେ ଚାକିରି କରାଇ ଦେବେ କହି ଗାଁ ଗାଁ ବୁଲି ନେଇଥିଲେ ଟଙ୍କା; ହେଲେ ଦେଲେ ନାହିଁ ଚାକିରି। ଆଜି ଗ୍ରାମର ଆଉ ଜଣେ ମହିଳାଙ୍କ ନିକଟରୁ ଟଙ୍କା ନେବାକୁ ଯୁବକ ଜଣକ ଆସିଥିବା ବେଳେ ପଡ଼ିଲେ ଗ୍ରାମବାସୀଙ୍କ ହାବୁଡ଼ରେ। ଗ୍ରାମବାସୀ ଠକ ଯୁବକଙ୍କୁ ଧରି ନିର୍ଘାତ ମାଡ଼ ମାରିବା ସହିତ ମୁହଁରେ ଚୂନକଳା ବୋଳିଥିଲେ। ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା ଛୁଇଁପୋଷି ଗ୍ରାମରେ। ଆଗ୍ରୋ ଫାର୍ମା କମ୍ପାନୀରେ ଚାକିରି କରାଇ ଦେବାକୁ କହି ବିନୋଦ ଜେନା ନାମକ ଜଣେ ଯୁବକ ଛୁଇଁପୋଷି ଗ୍ରାମର ୮ରୁ ଅଧିକ ମହିଳାଙ୍କ ନିକଟରୁ ୨ ହଜାରରୁ ଆରମ୍ଭ କରି ୫ ହଜାର ପର୍ଯ୍ୟନ୍ତ ଟଙ୍କା ନେଇଥିଲେ। ହେଲେ ଟଙ୍କା ନେବାର ୪ ମାସ ବିତି ଯାଇଥିଲେ ସୁଦ୍ଧା ଚାକିରି ଦେବା ଦୂର କଥା, ଧରା ଛୁଆଁ ଦେଇ ନ ଥିଲେ। ଆଜି ପୁଣି ଉକ୍ତ ଗ୍ରାମର ଆଉ ଜଣେ ମହିଳାଙ୍କ ନିକଟକୁ ଟଙ୍କା ନେବାକୁ ଆସିଥିବା ବେଳେ ଗାଁ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲେ ବିନୋଦ। ଏହା ପରେ ଗ୍ରାମର ମହିଳାମାନେ ତାଙ୍କୁ କାବୁ କରିବା ସହିତ ନିର୍ଘାତ ମାଡ଼ ମାରିଥିଲେ। ପରେ ମୁହଁରେ ଚୂନ ବୋଳିଥିଲେ। ଖବର ପାଇ କପ୍ତିପଦା ପୁଲିସ ପହଞ୍ଚି ଠକ ଯୁବକଙ୍କୁ ଉଦ୍ଧାର କରିଛି। ଏହି ଯୁବକ ଜଣକ ମହିଳାମାନଙ୍କୁ ଚାକିରି ଦେବାକୁ କହି ଅଶ୍ଳୀଳ ମନ୍ତବ୍ୟ ମଧ୍ୟ ଦେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଅନ୍ୟପଟେ ଏହି ଯୁବକ ଜଣକ କପ୍ତିପଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ମହିଳାଙ୍କୁ ଚାକିରି କରାଇ ଦେବାକୁ କହି ଏପରି ଠକି ଟଙ୍କା ନେଇଥିବା ଜଣାପଡ଼ିଛି।



# ମା' ଭୈରବୀଙ୍କ ବାର୍ଷିକ ଉତ୍ସବ; ହଜାର ହଜାର ଭକ୍ତଙ୍କ ସମାଗମ



**ମୋରଡ଼ା, ୧୫ା୧୧(ସମିସ):** ମୋରଡ଼ା ବ୍ଲକ ସଦର ମହକୁମା ଚିତ୍ରଡା ମା' ଭୈରବୀଙ୍କ ପୀଠରେ ଚଳିତବର୍ଷ ୧୮ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ମନ୍ଦିର କମିଟି ସଦସ୍ୟମାନେ ସକାଳ ୭ଟାରୁ ରାଜାବନ୍ଧରୁ ଘଟ ଉତ୍ତୋଳନ କରି ଶୋଭାଯାତ୍ରାରେ ମନ୍ଦିରକୁ ଆଣିଥିଲେ। ୧୯୫୨ ମସିହାରେ ବାରିପଦାର ମହାବୀର ଅଗ୍ରୱାଲଙ୍କୁ ସ୍ୱପ୍ନାଦେଶ ହେବା ପରେ ସେ ଚିତ୍ରଡା ଧର୍ମକ୍ଷେତ୍ର ଜଗନ୍ନାଥ ମନ୍ଦିର ନିକଟରେ ମା'ଙ୍କୁ ସ୍ଥାପନ କରିଥିଲେ। ପରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ମୁଖ୍ୟତଃ ଚିତ୍ରଡାର ଜଣେ ଫାଣ୍ଡି ଅଧିକାରୀ ଆରମ୍ଭ କରିଥିବା ବେଳେ ତାହା ଏବେ ପରମ୍ପରାରେ ପରିଣତ ହୋଇଛି। ପ୍ରଥମେ ମା'ଙ୍କ ନିକଟରେ ଦେଶୀ ମଦ ଭୋଗଲାଗି ହେବା ପରେ ଅନ୍ନଭୋଗ କରାଯାଇଥିଲା। ପ୍ରସାଦ ସେବନ କାର୍ଯ୍ୟକ୍ରମରେ ପ୍ରାୟ ୬ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଉପସ୍ଥିତ ଥିଲେ। ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ, ହରିଶ୍ଚନ୍ଦ୍ର ସେନାପତି, କଟି ମଣ୍ଡଳ, ପ୍ରତାପ ମହାନ୍ତ, କ୍ଷୀତିଶ ମହାନ୍ତ, ଶିର ସେନାପତି, ଡମ୍ବୁରୁଧର ମହାନ୍ତ, ଜୟପ୍ରକାଶ ରାଉଳ ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିରରେ କାର୍ତ୍ତିକ ବ୍ରତ ପାଳନ

**ପିଙ୍ଗୁ, ୧୫ା୧୧(ସମିସ):** ନୁଦଡ଼ିହା-ପିଙ୍ଗୁସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶୁକ୍ରବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଯାଇଛି। କାର୍ତ୍ତିକ ବ୍ରତଧାରୀମାନେ ନିଷ୍ଠାର ସହିତ ହବିଷ୍ୟାନ୍ନ ଭକ୍ଷଣ କରି ଶ୍ରୀଜଗନ୍ନାଥଙ୍କ ସେବାଧର୍ମରେ ମାସ ତମାମ ବିତାଇଥାନ୍ତି। ଶ୍ରୀଜଗନ୍ନାଥଙ୍କ ଭକ୍ତଗଣ ପ୍ରତିଦିନ ଆକାଶଦୀପ ମାଧ୍ୟମରେ ନିଜ ନିଷ୍ଠା ଓ ସାଧନା ପୂର୍ବକ କାର୍ତ୍ତିକ ବ୍ରତ ପାଳନ କରିଛନ୍ତି। ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ତିଥିଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଶେଷ ୫ ଦିନକୁ ପଞ୍ଚୁକ ଭାବରେ ପାଳନ କରାଯାଏ। ଏକାଦଶୀ ତିଥିରେ ମହାପ୍ରଭୁଙ୍କ ଠିଆକିଆ ବେଶ ବା ଲକ୍ଷ୍ମୀନାରାୟଣ ବେଶ ୧୩ ତାରିଖରେ ବାଙ୍କଚୂଡ଼ା (ବାମନ ବେଶ) ବେଶ ୧୪ରେ ଆଡ଼କିଆ ବା ତ୍ରିବିକ୍ରମ ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣମୀ ଦିନ ରାଜରାଜେଶ୍ୱର ବେଶରେ ଶ୍ରଦ୍ଧାଳୁଙ୍କ ଚିତ ହରଣ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ମୃଦଙ୍ଗ, ଝାଞ୍ଜ, ଘଣ୍ଟ, ଘଣ୍ଟା, କରତାଳି, ହରିବୋଲ ତଥା ଜୟ ଜଗନ୍ନାଥ ଧ୍ୱନିରେ ମନ୍ଦିର କମ୍ପିଉଠିଥିଲା। ମନ୍ଦିର ବେଢ଼ାରେ ଥିବା ନରେନ୍ଦ୍ର ପୁଷ୍କରଣୀରେ ଶହ ଶହ ଭକ୍ତ ବୋଇତ ଭସାଇଥିଲେ। ନରେନ୍ଦ୍ର ପୋଖରୀ ବେଢ଼ାରେ ଆ-କା-ମା-ବୈ ସ୍ୱରରେ ମୁଖରିତ ହୋଇ ଉଠିଥିଲା। ଶ୍ରଦ୍ଧାଳୁ ମାନେ ବେଢ଼ା ପରିକ୍ରମା ମାଧ୍ୟମରେ ସେଦିନର ଶ୍ରୀଚୈତନ୍ୟଦେବଙ୍କ ଭକ୍ତିଭାବ ପରି ବିହ୍ୱଳିତ ହୋଇ ଯାଉଥିଲେ। ଆନନ୍ଦବଜାରରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ମନ୍ଦିର କମିଟିର ମୁଖ୍ୟ ଉପଦେଷ୍ଟା ସୁଧାଂଶୁ କୁମାର ଦାଶ, ସଭାପତି ସର୍ବେଶ୍ୱର ରାଉତ, ସମ୍ପାଦକ ପ୍ରାମାପକ ନକୁଳ ଜେନା, ଉପସଭାପତି ବୃନ୍ଦାବନ ବେହେରା, କୋଷାଧ୍ୟକ୍ଷ ରବିନାରାୟଣ ନାୟକ, ଭାବବନ୍ଧନ ପତ୍ରିକାର ମୁଖ୍ୟ ସମ୍ପାଦକ ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# 'ଆ କା ମା ବୈ ପାନ ଗୁଆ ଥୋଇ' ଗୀତରେ କମ୍ପିଲା ଜମ୍ବୀରା ନଦୀଘାଟ

**ମୋରଡ଼ା, ୧୫ା୧୧(ସମିସ):** କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଚଳଚଞ୍ଚଳ ମୋରଡ଼ାର ବିଭିନ୍ନ ନଦୀ, ପୋଖରୀ ଏବଂ ଘାଟ। ବିଶ୍ୱାସ ରହିଛି ଯେ, ବର୍ଷକରେ ଥରେ ଏହି ଦିନରେ ସ୍ନାନ କରି ଡଙ୍ଗା ଭସାଇଲେ ପୂଣ୍ୟ ମିଳେ। ଯେଉଁଥିପାଇଁ ଲୋକେ ଡଙ୍ଗାରେ ପାନ, ଗୁଆ ଥୋଇ ଧରମ ମାସରେ ଡଙ୍ଗା ଭସାଇଛନ୍ତି। ପ୍ରାଚୀନ ପରମ୍ପରା ଅନୁଯାୟୀ ଭୋର ୪ଟାରୁ କାଗଜ ଡ଼ଙ୍ଗା, କଦଳୀ ଫାଉଡାରେ ନିର୍ମିତ ଡଙ୍ଗା ଧରି ଜମ୍ବୀରା ନଦୀ, ରାଜାବନ୍ଧ ଆଦି ସ୍ଥାନରେ ଶତାଧିକ କାର୍ତ୍ତିକ ବ୍ରତଧାରୀମାନେ ପୂଜାର୍ଚ୍ଚନା କରି ଡ଼ଙ୍ଗା ଭସାଇଛନ୍ତି। କାର୍ତ୍ତିକ ମାସରେ ଓଷା କରିବା ସହ ଅରୁଆ ଖାଇ ପୂର୍ଣ୍ଣିମା ଦିନ ଡ଼ଙ୍ଗା ଭସାଇଥିଲେ ପିଲାମାନଙ୍କର ମଙ୍ଗଳ ହେବା ସହ ଆରୋଗ୍ୟ ଲାଭ ହୋଇଥାଏ। ତେଣୁ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇବା ପାଇଁ ଆସି 'ଆ କା ମା ବୈ ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର' କହି ସୋଲ ଡଙ୍ଗା ଭସାଇଥିଲେ। ଆଁଳା ନବମୀଠାରୁ ପଞ୍ଚୁକ କରିଥିବା ମହିଳାଙ୍କ ପାଇଁ ଆଜି ପଞ୍ଚୁକର ଶେଷ ଦିନ ଥିବାବେଳେ ନଦୀରେ ବୁଡ଼ ପକାଇ ମନ୍ଦିରରେ ଠାକୁରଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼ ହୋଇଥିଲା।

# 'ଆ-କା-ମା-ବୈ'ରେ କମ୍ପିଲା ପୋଖରୀ ତୁଠ

**ବିଶୋଇ, ୧୫ ।୧୧ (ସମିସ) :** ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବିଶୋଇ ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଥିଲା। ଆଜି ସକାଳୁ ମହିଳା, ପୁରୁଷ, ଯୁବକ, ଯୁବତୀ ଓ କୁନିକୁନି ଶିଶୁ ପ୍ରାତଃ ସ୍ନାନ କରି ଜଳାଶୟ ତୁଠକୁ ଯାଇ ଡ଼ଙ୍ଗା ଉପରେ ଧୂପ, ଦୀପ, ଗୁଆ, ପାନ, ସିନ୍ଦୂର ରଖି ଡ଼ଙ୍ଗା ଭସାଇଥିଲେ। ଏହି ସମୟରେ ଶ୍ରଦ୍ଧାଳୁଙ୍କ ଆ କା ମା ବୈ ପାନ ଗୁଆ ଥୋଇ, ପାନ ଗୁଆ ତୋର ମାସିକ ଧରମ ମୋର ଗୀତରେ ପୋଖରୀ ତୁଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଥିସହିତ ଆଜି ଭୋରୁ ବିଶୋଇ ଅଞ୍ଚଳର ବଜରଙ୍ଗ ପୀଠରେ ଥିବା ହନୁମାନ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଜଳେଶ୍ୱର ଶୈବ ପୀଠ, କଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।



# କରଞ୍ଜିଆରେ ବୋଇତ ବନ୍ଦାଣ ଉତ୍ସବ

**କରଞ୍ଜିଆ, ୧୫ା୧୧(ସମିସ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କରଞ୍ଜିଆରେ ବୋଇତ ବନ୍ଦାଣ ଉତ୍ସବ ସମାରୋହରେ ପାଳିତ ହୋଇଛି। ଓଡ଼ିଶାର ପୁରପଲ୍ଲୀରେ ସମସ୍ତେ ବିଭିନ୍ନ ଜଳାଶୟକୁ ଯାଇ ସାଧବମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆ କା ମା ବୋଇ ପାନ ଗୁଆ ଥୋଇ ପାନ ଗୁଆ ତୋର ମାସକ ଧର୍ମ ମୋର କହି କଦଳୀ ପଟୁଆ ବା ସୋଲରେ ନିର୍ମାଣ ବୋଇତକୁ ବନ୍ଦାଣ କରିଥାନ୍ତି। ପରମ୍ପରା ଅନୁଯାଇ ବୋଇତ ଭସାଣି ଭୋର ୪ଟା ବେଳକୁ ବିଭିନ୍ନ ଜଳାଶୟରେ ସାଧବ ପୁଅଙ୍କ ବଣିଜକୁ ମନେ ପକାଇ ଡ଼ଙ୍ଗା ଭସାଇଥିଲେ। ଦେଓ ଏବଂ ବୈତରଣୀ ନଦୀରେ ସମସ୍ତ ଓଡ଼ିଆ ଡ଼ଙ୍ଗା ଭସାଇଥିଲେ। ତେବେ କରଞ୍ଜିଆ ଏନଏସି ଅନ୍ତର୍ଗତ ୨ ନମ୍ବର୍ ୱାର୍ଡ କରିଡିଆବାସୀଙ୍କ ପର୍ବ ଥିଲା ନିଆର। ଗ୍ରାମବାସୀଙ୍କ ସହଯୋଗରେ ଏକ ୧୨ ଫୁଟର ବୋଇତ ନିର୍ମାଣ କରାଯାଇ ସ୍ଥାନୀୟ ସର୍ଦ୍ଦାର ବନ୍ଧରେ ପାଣିରେ ଭସାଇଥିଲେ।



# ମା' କୀଚକେଶ୍ୱରୀଙ୍କ ଦୁର୍ଲ୍ଲଭ ସୁନାବେଶ

**ଖିଚିଂ, ୧୫ା୧୧(ସମିସ):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମୟୂରଭଞ୍ଜ ଜିଲ୍ଲା ଖିଚିଂର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀଙ୍କ ଦୁର୍ଲ୍ଲଭ ସୁନାବେଶ ଅନୁଷ୍ଠିତ ହୋଇଥିଲା। ସକାଳ ୭ଟାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ମା'ଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଥିଲା। ମନ୍ଦିର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ସହିତ ସ୍ଥାନୀୟ ବିଡ଼ିଓ, ତହସିଲଦାର ଓ ବିଭିନ୍ନ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ତଦାରଖ କରିଥିଲେ। ସେହିପରି ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ମୁତୟନ ହୋଇଥିଲେ। ପୂଜକ ଧବଳେଶ୍ୱର ପାଣିଗ୍ରାହୀ, ଦିଲ୍ଲୀପ ପାଣିଗ୍ରାହୀ ଏବଂ ସୁଭାଷ ପାଣିଗ୍ରାହୀଙ୍କ ସହିତ ପରିଛା, ଅଜୟ କୁମାର ସାହୁ ମା'ଙ୍କ ନୀତିକାନ୍ତି ସମ୍ପନ୍ନ କରିଥିଲେ। ଚଳିତବର୍ଷ ମଧ୍ୟ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ମଧ୍ୟ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ ବା ଡଙ୍ଗା ଭସାଇବାକୁ କରଞ୍ଜିଆ ସହର ଓ ଏହାର ଆଖ ପାଖ ଅଞ୍ଚଳରେ ଆଜି ଭୋରୁ ବିଭିନ୍ନ ଜଳାଶୟରେ ଭିଡ ଜମିଥିଲା।



# କାଠଗଣ୍ଡି ସହ ପିକ୍ଅପ୍ ଜବତ

**ମହୁଲଡିହା/ଠାକୁରମୁଣ୍ଡା, ୧୫ା୧୧ (ସମିସ):** ଠାକୁରମୁଣ୍ଡା ଅଞ୍ଚଳରୁ ସଦ୍ୟ କଟାଯାଇଥିବା ଶାଳ ଗଣ୍ଡି ସହିତ ଗାଡି ଜବତ କରିଛି ସାତକୋଶିଆ ବଣ୍ୟପ୍ରାଣୀ ବନ ବିଭାଗ। ମାତ୍ର ଅଭିଯୁକ୍ତମାନେ ଖସି ପଳାଇଛନ୍ତି। ଗତ ୧୪ ତାରିଖ ରାତି ପ୍ରାୟ ୩.୩୦ ସମୟରେ ପାଟ୍ରୋଲିଂ କରୁଥିବା ବିଭାଗୀୟ କର୍ମଚାରୀ ଗୋଟିଏ ପିକଅପ ଲୋଡ଼ ଉପରେ ତାରପୋଲିନ ଘୋଡେଇ ନଂ ୫୩ ରାଜ୍ୟ ରାଜପଥ ସାତକୋଶିଆ ବନ ବିଭାଗ ଅଫିସ ନିକଟରେ ଅତିକ୍ରମ କରିବା ପୂର୍ବରୁ ଖବର ପାଇ କର୍ମଚାରୀମାନେ ଅଟକାଇଥିଲେ। ମାତ୍ର ଡ୍ରାଇଭର ସମେତ ଅନ୍ୟ ଅଭିଯୁକ୍ତମାନେ ଖସି ପଳାଇଥିଲେ। ଜବତ ହୋଇଥିବା ୮ଟି ଶାଳ ଗଣ୍ଡି ୪୫.୩୫ ସିଫ୍ଟ; ଯାହାର ଆନୁମାନିକ ମୂଲ୍ୟ ପଚାଶ ହଜାର ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ବନବିଭାଗ ପିକ ଅପଟିକୁ ଜବତ କରି ଏକ ଏକ ମାମଲା ରୁଜୁ କରିଛି।

## କାଠ ବୋଝେଇ ଟ୍ରକ ଜବତ; ୨ ଗିରଫ

**ରାଇରଙ୍ଗପୁର/ବହଳଦା, ୧୫ ।୧୧(ସମିସ):** ବୁଧବାର ରାତିରେ ବହଳଦା ଥାନା ଅଞ୍ଚଳ ସାରସପଦା ଗାଁ ନିକଟରୁ ପୁଲିସ ପଟାସ ଓ ଅକାଶିଆ କାଠ ବୋଝେଇ ଏକ ୧୨ ଚକିଆ ଟ୍ରକକୁ ପୁଲିସ ଜବତ କରିବା ସହ ଦୁଇ ଜଣକୁ ଗିରଫ କରିଛି। ଗିରଫ ହୋଇଥିବା ଯୁବକଙ୍କ ମଧ୍ୟରେ ବିହାର ଅଞ୍ଚଳର ବୀରେନ୍ଦ୍ର କୁମାର ଏବଂ ଅନ୍ୟ ଯୁବକ ବାଦାମପାହାଡ଼ ଥାନା ଅଞ୍ଚଳ ଦେଓଗାଁର ଏସକେ ଜିକରାନ୍ ବୋଲି ଜଣାପଡ଼ିଛି। ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ଅଢେଇ ଲକ୍ଷ ହେବ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି

**ବାରିପଦା, ୧୫ ।୧୧(ସମିସ):** ମଧୁବନ ସ୍ଥିତ ମହେଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ବାରିପଦା ଟାଉନ ଥାନାରେ ପ୍ରଧାନ ଶିକ୍ଷୟତ୍ରୀ ଗୀତା ବେହେରା ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଚେୟାର, ଟେବୁଲ, ଟିଭି, ପିଲାଙ୍କ ଖାଦ୍ୟ ଜିନିଷ ଆଦି ଚୋରି କରି ନେଇଛନ୍ତି। ଏଥି ସହିତ ଅନ୍ୟ ଜିନିଷକୁ ଭାଙ୍ଗି ଦେଇଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଯୁବତୀଙ୍କଠାରୁ ମୋବାଇଲ ଛିନତାଇ

**ବାରିପଦା, ୧୫ା୧୧(ସମିସ):** ମୋବାଇଲ ଛିନତାଇ ନେଇ ପୁଣି ଏକ ଅଭିଯୋଗ ହୋଇଛି। ଏ ନେଇ ଶୁଳିଆପଦା ଥାନା ଅନ୍ତର୍ଗତ କୋଷ୍ଟ ଅଞ୍ଚଳର ତୃପ୍ତିରାଣୀ ସିଂହ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ମଧୁବନ ଅଞ୍ଚଳର ରାସ୍ତାରେ ଯାଉଥିବା ବେଳେ ୩ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ମୋବାଇଲ ଲୁଟି ନେଇ ପଳାଇଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି।

# ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ

ବିଶୋଇ, ୧୫ ।୧୧ (ସମିସ)




ମହାନ୍ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ବିର୍ସା ମୁଣ୍ଡା ସ୍ମୃତି କମିଟି ଏବଂ ଖେରୱାଲ ଜୁମିଦ ଗାଓ୍ୱତାର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଛି। ପ୍ରଥମେ ଆଦିବାସୀ ଦେହୁରୀ ରଜତ କୁମାର ସିଂ ପାରମ୍ପରିକ ପଦ୍ଧତିରେ ପୂଜାର୍ଚ୍ଚନା କରିବା ପରେ ଅତିଥିମାନେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କମିଟିର ସଭାପତି ସୁବାଷ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା ଯୋଗଦେଇ ଆଦିବାସୀଙ୍କ ଜଙ୍ଗଲ, ଜଳ ଓ ଜମି ଅଧିକାରକୁ ନେଇ ବ୍ରିଟିଶ ବିରୋଧରେ ସଂଗ୍ରାମ କରିଥିବା ଏହି ମହାନ ଆଦିବାସୀ ନେତାଙ୍କ ବିଷୟରେ ଅନେକ କିଛି ଲୋକ ଜାଣିନଥିଲେ। ମାତ୍ର ୧୯୮୭ ମସିହାରୁ ତାଙ୍କୁ ଆଦିବାସୀ ମୂଳବାସୀ ଲୋକମାନଙ୍କ ଏକତାର ହିସାବରେ ସମ୍ମାନ ଦେଇ ଝାଡ଼ଖଣ୍ଡ ଆନ୍ଦୋଳନକୁ ତୀବ୍ର କରିଥିଲେ। ଫଳରେ ୧୯୮୯ ମସିହାରେ କେନ୍ଦ୍ରରେ ଥିବା ତତ୍କାଳୀନ ପ୍ରଧାନମନ୍ତ୍ରୀ ଭିପି ସିଂହଙ୍କ ନେତୃତ୍ୱାଧୀନ ସରକାର ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ। ତାଙ୍କ ଯୋଗୁଁ ଆଜି ଆଦିବାସୀ ଅସ୍ମିତା ନୂଆ ସୋପାନରେ ପହଞ୍ଚିବା ଯୋଗୁଁ ଆଦିବାସୀ ଲୋକଙ୍କୁ ରାଷ୍ଟ୍ରପତି କିମ୍ବା ମୁଖ୍ୟମନ୍ତ୍ରୀ ଭଳି ପଦବୀରେ ବସାଯାଇଛି ବୋଲି ଉଲ୍ଲେଖ କରିଥିଲେ। ସେହିପରି ଆଦିବାସୀ ମାଝୀ, ପାର୍ଗନା, ମାନକୀ, ମୁଣ୍ଡା ଭଳି ପାରମ୍ପରିକ ମୁଖ୍ୟଙ୍କୁ ସ୍ୱୀକୃତି ଦେଇ ଏମାନଙ୍କ ନେତୃତ୍ୱରେ ଥିବା ଗ୍ରାମସଭାକୁ ପ୍ରାଧାନ୍ୟ ନ ଦେଲେ ଆଗାମୀ ଦିନରେ ଆଦିବାସୀ ଏକଜୁଟ ହୋଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଦସ୍ୟା ବିଦ୍ୟୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ଲୁହାକାନି ପଞ୍ଚାୟତ ସମିତି ଅଦସ୍ୟ ଦିଲ୍ଲୀପ ଗିରି, ଖେରୱାଲ ଜୁମିଦ ଗାଓ୍ୱତା ସଭାପତି ଧନେଶ୍ୱର ମହାନ୍ତ, ବରିଷ୍ଠ ବିଜେପି ନେତା ଜୁରିଲାଲ ମହାନ୍ତ, ବିଜେଡି ବ୍ଲକ ସଭାପତି ଫାଗୁରାମ ମାର୍ଣ୍ଡି, ବିଜେଏମ୍ଏମ୍ ସଭାପତି ରାମଚନ୍ଦ୍ର ହେମ୍ବ୍ରମ, ରାଷ୍ଟ୍ରୀୟ ଆଦିବାସୀ ଏକତା ମଞ୍ଚର ଶାନ୍ତିଲତା ଚାତାର ପ୍ରମୁଖ ଉପସ୍ଥିତ ଥିଲେ।

# 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ

**ଜାମଦା, ୧୫ା୧୧(ସମିସ):** ଜାମଦା ବ୍ଲକ ଅନ୍ତର୍ଗତ ପାସନା ପଞ୍ଚାୟତ ଅଧୀନ ହେସଲପଟା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜନଜାତି ଗୌରବ ଦିବସ ଏବଂ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରାପ୍ରପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସରିତା ରାଣୀ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଜାମଦା ବଳିକ ଉଚ୍ଚ ବିଦ୍ୟାଳୟର ଭାରାପ୍ରପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଜାମଦା ସ୍ୱାସ୍ଥ୍ୟ ବିଭାଗର ଆର୍.ବି.ଏସ୍.କେ ଡାକ୍ତର ସୁବ୍ରଜିତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଏସଏମସି ଚେୟାରମ୍ୟାନ ଜରିଲାଲ ସୋରେନ, ଏସଏମସି ଉପଚେୟାରମ୍ୟାନ ବାସନ୍ତୀ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ମଧୁସ୍ମିତା ପାତ୍ର ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରାଜେନ୍ଦ୍ର ନାୟକ, ଜଗେଶ୍ୱର ନାୟକପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ଓ ଜନଜାତୀୟ ଗୌରବ ଦିବସ ପାଳିତ

### ୧୧ ସଫଳ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ

ବାରିପଦା, ୧୫।୧୧(ସମିସ): ଇତିହାସର କାଳଖଣ୍ଡରେ ମାତୃଭୂମିର କୋଳମଣ୍ଡନ କରିଥିବା ମହାନାୟକ ଧର୍ତ୍ତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ବିହାରର ଜାମୁଇରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଏହି ଦିବସକୁ ପାଳନ କରିବା ସହିତ ବିଭିନ୍ନ ଆଦିବାସୀ ଉନ୍ନୟନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବାରିପଦା ଛଉ ପଡ଼ିଆରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସାରସକଣା ବିଧାୟକ ଭାଦବଚନ୍ଦ୍ର ହାଁସଦା, ଉଦଳା ଏନଏଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନର ଗାଥା ଭାରତର ଆଦିବାସୀ ସମ୍ପ୍ରଦାୟର ମହାନ ବିପ୍ଳବୀଙ୍କ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଆଦିବାସୀଙ୍କ ସଂଘର୍ଷ ସୂଚାଏ ଯେ, ଏ ମାଟିର ଏପରି ଏକ ସ୍ୱତନ୍ତ୍ର ପରମ୍ପରା ରହିଛି, ଯେଉଁଠାରେ କୌଣସି ସମାଜ ବା ସମ୍ପ୍ରଦାୟ ମୁଖ୍ୟସ୍ରୋତଠାରୁ ପୃଥକ୍ ନୁହଁନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଆଦିବାସୀ ବର୍ଗର ୧୧ ଜଣ ସଫଳ ବ୍ୟକ୍ତିବିଶେଷ ମୁଣ୍ଡାରୀ ଲେଖକ ବୁଦ୍ଧିଆ ସିଂ, ରଗବୀ ଖେଳାଳି



ନରସିଂହ ମାର୍ଣ୍ଡି, ମୁଣ୍ଡାରୀ କବି, ଭାନୁମତୀ ସିଂ, ଟିକିଲିମଣି ସୋରେନ (ସିଭିଲ ସର୍ଭିସ), ବୀରମଲ ସିଂ (ଅଧ୍ୟାପକ), ବାଜିନାଥ ହେମ୍ବ୍ରମ (ଫୁଟବଲ ଖେଳାଳି), ଡା. ମିନା ହେମ୍ବ୍ରମ (ମେଡିକାଲ ଅଫିସର), ଡଃ ପୂର୍ଣ୍ଣଚନ୍ଦ୍ର (ମେଡିକାଲ ଅଫିସର), ଡା. ରୁବି ହେମ୍ବ୍ରମ (ମେଡିକାଲ ଅଫିସର), ବିକାଶ ବେଶରା (ସିଭିଲ ସର୍ଭିସ), ଶୁଭଶ୍ରୀ ନାଏକ (ସିଭିଲ ସର୍ଭିସ)ଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ୧୧ ଜଣ ସୋରିଷ ଚାଷୀଙ୍କୁ ଏଫଆରଏ ପଟ୍ଟା ବଣ୍ଟନ କରାଯିବା ସହିତ ସେମାନଙ୍କ ଉନ୍ନତ ଚାଷ ପଦ୍ଧତି ପାଇଁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଥିସହ ୫ ଜଣ ହିତାଧିକାରୀଙ୍କୁ ପିଏମ-ଜନମନ ଗ୍ରାମୀଣ ଗୃହ ଯୋଜନାରେ ୨୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସଭାରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଦିବସ ବ୍ୟାପୀ କାର୍ଯ୍ୟକ୍ରମକୁ ବାରିପଦା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ, ପ୍ରଣୟ କୁମାର ବେହେରା ସଂଯୋଜନା କରିଥିଲେ। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରିଣୀ ସ୍ମୃତିଲିପି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଗୋରୁମହିଷାଣି:** ବିପ୍ଳବୀ ତଥା ଜନନାୟକ ଆଦିବାସୀଙ୍କ ଭଗବାନ ସହିଦ ବୀର୍ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁଲେଇଶିଳା ସରପଞ୍ଚ ମିଲିରାଣୀ ସିଂ, ମୁଖ୍ୟବକ୍ତାଭାବେ ମୁଣ୍ଡା ସମାଜର ନେତୃତ୍ୱ ନେଉଥିବା ଗୋଲାପ ସିଂ ମୁଣ୍ଡାରୀ ଏବଂ ସମ୍ମାନିତ ଅତିଥିରୂପେ ସୁରେଶ ସୋରେନ,



ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାଏକ, ଟିଲକା ସୁଦର୍ଶନ ହେମ୍ବ୍ରମ୍, କୁଶ ମୁଦଲି, ଅଶୋକ ଗିରି ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନୀ ତଥା ତାଙ୍କର ବୀରଗାଥା ବିଷୟରେ ଆଲୋକପାତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଜାମଦା :** ଜାମଦା ବ୍ଲକ ଅନ୍ତର୍ଗତ ତାରଣା ଆଶ୍ରମ ବିଦ୍ୟାଳୟରେ ଜନଜାତି ଗୌରବ ଦିବସ ଏବଂ ପାପ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଲକ୍ଷ୍ମଣ କଣ୍ଡାଙ୍କେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥି ଭାବେ ତାରଣା ଗ୍ରାମପଞ୍ଚାୟତ ସରପଞ୍ଚ ମାଧୁରୀ ହେମ୍ବ୍ରମ, ମୁଖ୍ୟ ବକ୍ତା ଭାବେ ମଙ୍ଗଳ ସୋରେନ, ସ୍ୱତନ୍ତ୍ର ଅତିଥି ଭାବେ ନାଉରୁ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ହିରାମଣୀ ବସ୍କେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦାମ ଚନ୍ଦ୍ର ଦତ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷକ ଦୀପକ କୁମାର କାନ୍ତ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ବାନାଉ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

**ବଡସାହି:** ବଡ଼ସାହି ବ୍ଲକ ଅଧୀନ କେନ୍ଦୁଆସାହି ବିର୍ସାମୁଣ୍ଡା ଛକରେ ଧରତୀଆବା ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ବୁରୁବଙ୍ଗା ସାସାଂକିର ଯୁବକ ସଂଘ ଓ ବୁରୁବଙ୍ଗା ମୁଣ୍ଡାରୀ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ପାହାନ ଗୁରୁ ବସନ୍ତ କୁମାର ସିଂ ବର୍ସାମୁଣ୍ଡାଙ୍କୁ ଯଥାବିଧି ପୂଜାର୍ଚ୍ଚନା



କରି ଶାନ୍ତି, ସନ୍ତୋଷ ଓ ବିଶ୍ୱ ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଣୀ ବାସନ୍ତୀ ସିଂ ଯୋଗଦେଇ ବିର୍ସାମୁଣ୍ଡାଙ୍କ ଜୀବନ ଓ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁରୁବଙ୍ଗା ଯୁବକ ସଂଘର ସଭାପତି ବୀରେନ୍ଦ୍ର ସିଂ, ଉପସଭାପତି ଗୌତମ ସିଂ, ବୁରୁବଙ୍ଗା ମୁଣ୍ଡାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକୁମାର ସିଂ, ମହିଳା ଗୋଷ୍ଠୀର ସମ୍ପାଦିକା ଗୀତାଞ୍ଜଳୀ ସିଂ ପ୍ରମୁଖ ବିର୍ସାମୁଣ୍ଡାଙ୍କ ଜୀବନୀ ଉପରେ ଅଭିଭାଷଣ ଦେଇଥିଲେ। ବାପି ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ୩୦ଜଣିଆ ଦଳ ଜିଲ୍ଲା ସ୍ତରୀୟ ଭଗବାନ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳନ ଉତ୍ସବରେ ଯୋଗ ଦେବା ପାଇଁ ବାରିପଦା ଗସ୍ତ କରିଥିଲେ।

**ଉଦଳା :** ଆଦିବାସୀ ସାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନରେ କେନ୍ଦ୍ର ସରକାର ୨୦୨୧ ମସିହାରେ ତାଙ୍କ ଜନ୍ମ ଦିବସକୁ ଜନଜାତୀୟ ଗୌରବ



ଦିବସ ଭାବେ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦେଶବ୍ୟାପୀ ଏହି ଦିବସ ପାଳନ କରାଯାଉଛି। ଆଜି ସନ୍ଧାନ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ କପ୍ତିପଦା ଉପଖଣ୍ଡର ବିଭିନ୍ନ ସଂଗଠନ ଯୋଗଦେଇଥିଲେ। ଏନ୍.ଏସ୍.ଟି.ଏଫ.ଡ଼ି.ସି ର ଜୋନାଲ ମ୍ୟାନେଜର ସୁନୀଲ କୁମାର ସାହୁ ସାଗତ ଭାଷଣ ଦେଇଥିଲେ। ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଗବାନ ବିର୍ସା ମୁଣ୍ଡାକ ବିଷୟରେ ସମ୍ୟକ୍ ସୂଚନା ଦେବା ସହ ଜନଜାତି କଲ୍ୟାଣ ଯୋଜନା ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସମାଜସେବୀ ଶରତ ଚନ୍ଦ୍ର ଦାସ, ପ୍ରଭାତ କୁମାର ପରିଡ଼ା ଏବଂ ରିଜିଓନାଲ ମ୍ୟାନେଜର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବାରିପଦା ସୌମ୍ୟଦର୍ଶନ କର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୮ ଜଣ ସଫଳ ଉଦ୍ୟୋଗୀଙ୍କୁ ୫ ହଜାର ଲେଖାଏଁ, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ନିଶାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**କରଞ୍ଜିଆ :** କରଞ୍ଜିଆ ଏନଏସି ଅନ୍ତର୍ଗତ ୧୫ ନମ୍ବର ୱାର୍ଡସ୍ଥିତ ସହରାଞ୍ଚଳ ଶିକ୍ଷା ଯୋଜନା (ଅନ୍ୱେଷା) ହଷ୍ଟେଲ ପରିସରରେ ସୁପରଣ୍ଟେଣ୍ଡେଣ୍ଟ ରଞ୍ଜନ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ




ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଇଓ ନିରଞ୍ଜନ ଦଳେଇ, ମୁଖ୍ୟବକ୍ତା ଭାବେ କାଦଡିହା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାଗବତ ଲେଙ୍କା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଏବିଇଓ ବିପିନ ବିହାରି ବାରିକ, ବିବେକାନନ୍ଦ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ହିମାଂଶୁ ଘଡେଇ ପ୍ରମୁଖ ଯୋଗ ଦେଇ ବର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସଞ୍ଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

**ବାରିପଦା :** ଭଗବାନ ବୀର ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ମୟୂରଭଞ୍ଜ



ମୁକ୍ତି ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ସ୍ଥାନୀୟ ପୋଡାଅସ୍ତିଆ ସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଜୟଗାନ କରାଯାଇଥିଲା। ଜିଲ୍ଲାର ସ୍ୱାଭିମାନ ପାଇଁ ଲଢେଇ ଜାରି ରହିବ ବୋଲି ପ୍ରତିମୂର୍ତ୍ତି ସ୍ଥଳରେ ଶପଥ ପାଠ କରାଯାଇଛି। ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାର ମୟୂରଭଞ୍ଜ ଜିଲ୍ଲାକୁ ଅବହେଳାକୁ ନେଇ ଜୋରଦାର ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ କମଳ ବାସ୍କେ, ଜୀବନ ମାଝୀ, ମାଧବ ମାଝୀ, ସେରାଲ ମୁର୍ମୁ, ନଟ ସିଂ, ବୁଦ୍ଧିଆ ସିଂ, ସୁବାସ ସିଂ ଓ ଶ୍ରୀନିବାସ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

**ରାଇରଙ୍ଗପୁର:** ଭାରତ ମୁଣ୍ଡା ସମାଜର ବାମନଘାଟି ଉପଖଣ୍ଡ ୟୁନିଟ ପକ୍ଷରୁ ଧରତି ଆବା ଭଗବାନ ବିର୍ଷା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶୁକ୍ରବାର ମହୁଲଡିହା ସ୍ଥିତ ବିର୍ଷା ମୁଣ୍ଡା ଉଦ୍ୟାନ ପରିସରରେ ମୁଣ୍ଡା ସମ୍ପ୍ରଦାୟର ଲୋକେ ଏକତ୍ରିତ ହୋଇ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ରୂପରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ପାଳନ କରାଯିବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ନେପାଳ ମୁଣ୍ଡା, ଦିଗମ୍ବର ସିଂ, ବିରସିଂ ମୁଣ୍ଡା, ଶିବଚରଣ ମୁଣ୍ଡା, ସୋମନାଥ ମୁଣ୍ଡା, ଜେଟୁ ମୁଣ୍ଡା, ସୁରେନ୍ଦ୍ର ମୁଣ୍ଡା, ଲୋକନାଥ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଅଖିଳ ଭାରତୀୟ ଅନୁସୂଚୀତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ କର୍ମଚାରୀ କଲ୍ୟାଣ ମହାସଂଘ




ସେବାସ୍ତମ୍ଭ ରାଇରଙ୍ଗପୁର ସଭାପତି ପ୍ରତାପ ଚନ୍ଦ୍ର ହେମ୍ବ୍ରମଙ୍କ ଆବାହକତ୍ୱରେ 'ସହିଦ ବିର୍ସା ମୁଣ୍ଡା ଜୟନ୍ତୀ' ପୌରାଞ୍ଚଳର ପ୍ରାଥମିକ ଶିକ୍ଷକ ସଂଘ ଗୃହରେ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିଜୟ କୁମାର ରାମ, ରାଷ୍ଟ୍ରୀୟ ସମ୍ପାଦକ ମୋଚିରାମ ମାଝୀ, ସାଧାରଣ ସମ୍ପାଦକ ବାଜଲ ମୁର୍ମୁ, ବରିଷ୍ଠ ଉପସଭାପତି ରବୀନ୍ଦ୍ର କୁମାର ମୁଖି ପ୍ରମୁଖ ନିଜନିଜ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଉପସଭାପତି ଗୋପାଳକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୨୫ରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବେତନଟୀ, ୧୫।୧୧(ସମିସ): ବେତନଟୀ କୋର୍ଟଛକ ଉପକଣ୍ଠ ଉଠାଣିଠାରେ ପୂଜା ପାଉଥିବା ଚତୁର୍ଦ୍ଧା ବିଗ୍ରହ ପାଇଁ ଏକ ସ୍ଥାୟୀ ତଥା ନୂତନ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ହୋଇସାରିଥିବା ବେଳେ ଚଳିତମାସ ୨୫ ତାରିଖଠାରୁ ୫ ଦିନ ବ୍ୟାପୀ ଏହାର ପ୍ରତିଷ୍ଠା ଉତ୍ସବ ହେବାକୁ ଯାଉଛି। ମନ୍ଦିର ଟ୍ରଷ୍ଟ ସଭାପତି ଯୋଗେଶ୍ୱର ମିଶ୍ର ଏବଂ ସଂଯୋଜକ ଶଶଧର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ଗୌତମଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଜ୍ୟୋତିଷ ସାହୁ, ଦେବରଞ୍ଜନ



ସାହୁ, ଚିତ୍ତରଞ୍ଜନ ମହାନ୍ତି, ସୁଦୀପ ପରିଚ୍ଛାଙ୍କ ସମେତ ସମସ୍ତ ସଦସ୍ୟ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ପୁରୀମନ୍ଦିର ଶୈଳୀରେ ବେତନଟୀର ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରାଯାଇଛି। ମୁଖ୍ୟମନ୍ଦିର ଚତୁପାର୍ଶ୍ୱରେ ମା'ବିମଳା, ମା'ଲକ୍ଷ୍ମୀ, ମହାଦେବ, ସଙ୍କଟମୋଚନ ହନୁମାନ, ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ମନ୍ଦିର ସମେତ ବଟବୃକ୍ଷ, ଗରୁଡ଼ସ୍ତମ୍ଭ, କୋଇଲି ବୈକୁଣ୍ଠର ମଧ୍ୟ ନିର୍ମାଣ କରାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ତଥା ପ୍ରସିଦ୍ଧ ଘୋଷକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ମାର୍ଗଦର୍ଶନରେ ମନ୍ଦିରନିର୍ମାଣ ସାଙ୍ଗକୁ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ ମଧ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ୨୫ ତାରିଖ ମଣ୍ଡପ ସଂସ୍କାର, ଅଙ୍କୁରାରୋପଣ, ମଣ୍ଡଳ କରଣ, ଗର୍ଭାଧାନ ଏବଂ ଜଳାଶୟ ପ୍ରତିଷ୍ଠା ବିଧି ରହିଛି। ଦ୍ୱିତୀୟ ଦିନ ପ୍ରାତଃ ସମୟରେ ଜଳଯାତ୍ରା, ଦେବତା, ବ୍ରାହ୍ମଣ ବରଣ, ମଣ୍ଡପ ପୂଜାର୍ଚ୍ଚନା, ଅଗ୍ନିସଂସ୍କାର, ଆଳତି, ପୁଷ୍ପାଞ୍ଜଳି, ଶାନ୍ତିପାଠ ପ୍ରକ୍ରିୟା ସମ୍ପାଦନ କରାଯିବ। ୨୭ ତାରିଖ ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟପୂଜା, ଗୋ-ପୂଜା, ମଣ୍ଡପରେ ପୂଜାର୍ଚ୍ଚନା, ରୁଦ୍ରାଭିଷେକ, ଚଣ୍ଡୀପାଠ, ଜପ, ଯଜ୍ଞ, ଠାକୁରଙ୍କ ମହାସ୍ନାନ, ଶୟନ ଆଳତି, ପୁଷ୍ପାଞ୍ଜଳି ପରେ ଶାନ୍ତିପାଠ ବିଧି ରହିଛି। ୨୮ ତାରିଖ ଗୁରୁବାର ସୂର୍ଯ୍ୟପୂଜା, ଗୋ-ପୂଜା, ଯଜ୍ଞ ମଣ୍ଡପରେ ପୂଜାର୍ଚ୍ଚନା, ଅଭିଷେକ, ଚଣ୍ଡୀପାଠ, ଜପ, ଯଜ୍ଞକର୍ମ, ଆଳତି, ପୁଷ୍ପାଞ୍ଜଳି, ଶାନ୍ତିପାଠ କାର୍ଯ୍ୟକ୍ରମ ରହିଛି। ୨୯ ତାରିଖ ତଥା ଶେଷ ଦିବସର ପ୍ରାରମ୍ଭରେ ସୂର୍ଯ୍ୟପୂଜା, ଗୋ-ପୂଜା, ମଣ୍ଡପରେ ପୂଜାର୍ଚ୍ଚନା, ଅଭିଷେକ, ଚଣ୍ଡୀପାଠ, ଜପ, ଯଜ୍ଞକର୍ମ, ଯୂପ, ପିଣ୍ଡିକା, ଚକ୍ରସ୍ଥାପନ, ଶ୍ରୀବିଗ୍ରହମାନଙ୍କ ମନ୍ଦିରବିଜେ ଏବଂ ଶାନ୍ତିପାଠ ପୂର୍ବକ ପ୍ରତିଷ୍ଠାତ୍ସୋବ ସମାରୋହର ଉଦଯାପନୀ ରହିଛି। ତୃତୀୟଦିନ ୨୭ ତାରିଖ ଗୁରୁବାରଠାରୁ ୨୯ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକଦିନ ଅପରାହ୍ନ ୧ରୁ ୪ଟା ପର୍ଯ୍ୟନ୍ତ ସାମୂହିକ ପ୍ରସାଦସେବନର ବ୍ୟବସ୍ଥା ରହିଛି। ପ୍ରତିଦିନ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ସାଙ୍ଗକୁ ବରେଣ୍ୟ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ପ୍ରବଚନ ଓ ଶାନ୍ତିପାଠର ବ୍ୟବସ୍ଥା ମଧ୍ୟ କରାଯାଇଛି। ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଦୃଷ୍ଟିରେ ରଖି ଆୟୋଜକଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି।

**ଧର୍ମ ମାସରେ ମାନବିକତା ଦେଖାଇଲେ ଆଇଆଇସି**

## ଅସହାୟଙ୍କ ପାଦଛୁଇଁ ବାଣ୍ଟିଲେ ଶୀତବସ୍ତ୍ର ଓ ଫଳ

ଉଦଳା, ୧୫।୧୧(ସମିସ): କଥାରେ ଅଛି ମାନବ ସେବା ହିଁ ମାଧବ ସେବା। ଜଣେ ଶାନ୍ତ, ସରଳ ଓ ପରୋପକାରୀ ମଣିଷ ହେଉଛନ୍ତି ଉଦଳା ଥାନାଧିକାରୀ ବନମାଳୀ



ବାରିକ। ପିଲାଟି ଦିନୁ ମନରେ ଥାଏ ଅନ୍ୟକୁ ସହଯୋଗ କରିବାର ଇଚ୍ଛା। ପୁଲିସ ଚାକିରି ସମୟରେ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ କିଛି ସମୟ ବାହାର କରି ଲୋକଙ୍କୁ ସହଯୋଗର ହାତ ବଢ଼ାଇଥାନ୍ତି ଶ୍ରୀ ବାରିକ। ବିଶେଷକରି ସେ ଦିନ ଦୁଃଖୀଙ୍କର ସେବା କରି ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ସବୁବେଳେ ତାଙ୍କ ମନରେ ଥାଏ ଲୋକଙ୍କ ପାଇଁ କିଛି କରିବାର ଆଶା। ଆଜି ସକାଳୁ ସେ ନିଜର ସହକର୍ମୀଙ୍କ ସହିତ ଉଦଳା ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରରେ। ଶୀତ ବସ୍ତ୍ର, ଫଳ ଏବଂ ବିସ୍କୁଟ ଧରି ଅସହାୟଙ୍କୁ ପାଦ ଛୁଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ତେବେ ତାଙ୍କର ଏହି ମହାନତା ପାଇଁ, ବେ ସେ ସାଧାରଣରେ ପ୍ରଶଂସାରପାତ୍ର ହୋଇଛନ୍ତି। କେବଳ ମନ୍ଦିର ନୁହେଁ, ବାଉଁଶପାଳ, ଜୋଇଦା ଗ୍ରାମରେ ପହଞ୍ଚି ରୋଗୀ ଏବଂ ତାଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେବା ସହ କିଛି ସହାୟତା ମଧ୍ୟ କରିଥିଲେ। ତେବେ ସେମାନେ ବିଭିନ୍ନ ସରକାରୀ ଯୋଜନା ଏବଂ ଚିକିତ୍ସାରୁ ବଞ୍ଚିତ ଥିବା ବେଳେ ସ୍ଥାନୀୟ ପ୍ରଶାସନକୁ ଜଣାଇ ସେମାନଙ୍କର ଦୁଃଖ ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସାରସକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ଭିଡ଼

ସାରସକଣା, ୧୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାରସକ୍ଷେତ୍ର ସାରସକଣା ଶ୍ରୀଜଗନ୍ନାଥ ପୀଠର ବଡ ଦେଉଳ ଏବଂ ସମସ୍ତ ଦେବଦେବୀଙ୍କ ମନ୍ଦିରରେ ଦିଅଁଦର୍ଶନ ଓ ପୂଜା ନିବେଦନ ପାଇଁ ଆଜି ପ୍ରାତଃରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଭକ୍ତମାନେ ସମୂହ ଭଜନ କୀର୍ତ୍ତନରେ ଭାଗନେବା ସହିତ ଓ ଠାକୁର ଠାକୁରାଣୀଙ୍କ କୃପାଲାଭ ପାଇଁ ଏକାଗ୍ର ଚିତ୍ତରେ ଶ୍ରଦ୍ଧା ଓ ଭକ୍ତି ବାଢୁଥିବା ଲକ୍ଷ୍ୟ କରାଯାଇଥିଲା। ଅପରାହ୍ନ ୧୨.୩୦ଟାରୁ ଶ୍ରୀଜଗନ୍ନାଥ ଭକ୍ତ ପୁଳିନ ଭୋଳ ପରିବାରଙ୍କ ଆର୍ଥିକ ସହାୟତାରେ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ଓ ମନ୍ଦିର ପରିଚାଳନା ଟ୍ରଷ୍ଟ ଆନୁକୂଲ୍ୟରେ ପୀଠର ସହସ୍ରାଧିକ ଦର୍ଶନାର୍ଥୀଙ୍କୁ କ୍ଷିରି ଖେଚୁଡି ପ୍ରସାଦ ବିତରଣ କରାଯାଇଥିଲା। ଅଧ୍ୟାପକ ମାନସ କୁମାର ପତିଙ୍କ ତତ୍ତ୍ୱାବଧାନରେ ଶରତପାଳ ମହାବିଦ୍ୟାଳୟର ଏନ୍.ଏସ୍.ଏସ୍. ଛାତ୍ରମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଦିଅଁ ପୂଜନ ଓ ବୈଦିକ କର୍ମରେ ଭାଗ ନେଇଥିଲେ ପୁରୋହିତ ମନୋଜ ରଞ୍ଜନ ଦାଶ, ଅକ୍ଷୟ କୁମାର କର, ନଗେନ୍ଦ୍ର ନାଥ କର ଓ ଦିବ୍ୟ ସୁନ୍ଦର କର। ଯତୀନ ଚନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ନବକିଶୋର ସେଠୀ, ବାସୁଦେବ ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ଅତୁଲ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ସାହୁ, ସୁଧୀର ରଞ୍ଜନ ସାହୁ, ପ୍ରଦୀପ କୁମାର ପାଳିତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଉଦଳା, ୧୫।୧୧(ସମିସ): ଉଦଳା ଉପଖଣ୍ଡ ପୁଲିସ ଅଧିକାରୀ ସାର୍ଥକ ରାୟଙ୍କୁ ଥାନା ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ଜଣେ ଦକ୍ଷ ପୁଲିସ ଅଧିକାରୀ ରୂପେ କପ୍ତିପଦା ଉପଖଣ୍ଡ ଏବଂ ଜନସାଧାରଣରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ନିଜର କାର୍ଯ୍ୟ ଦକ୍ଷତାର ପ୍ରମାଣ ଦେଇଛନ୍ତି। ସମ୍ବର୍ଦ୍ଧନା ସଭାରେ ତାଙ୍କ ପତ୍ନୀ ଡ଼. ପ୍ରତିଭା ପ୍ରଧାନ ଏବଂ ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ଜିଲ୍ଲାର ବରିଷ୍ଠ ପୁଲିସ ଅଧିକାରୀ ଦୀପକ ଗୋଚ୍ଛାୟତ, ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି ସମେତ ବହୁ ପ୍ରଶାସନ ଅଧିକାରୀ, ଉପଖଣ୍ଡର ସମସ୍ତ ଥାନାର ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଉଦଳା ଥାନା ଅଧିକାରୀ ବନମାଳୀ ବାରିକ ଆୟୋଜନର ନେତୃତ୍ୱ ନେଇଥିବା ବେଳେ ସାମ୍ବାଦିକ ସନ୍ତୋଷ ବାଛିନି ଓ ହିମାଦ୍ରୀ ଶେଖର ପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଷ୍ଠରୋଗ ନିରାକରଣ ସଚେତନତା ପାଇଁ ଗଡୁଛି ଶାମ୍ବରଥ

ବେତନଟୀ, ୧୫।୧୧(ସମିସ): କୁଷ୍ଠରୋଗର ଚିହ୍ନଟ ଓ ନିରାକରଣ ପାଇଁ ୩୦ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଭିଯାନରେ ବ୍ୟାପକ ଜନସଚେତନତା ଉଦ୍ଦେଶ୍ୟରେ ଗୁରୁବାର ବେତନଟୀ ଡାକ୍ତରକାନା ପକ୍ଷରୁ ଶାମ୍ବରଥର ଶୁଭାରମ୍ଭ କରାଯାଇଛି। ଡାକ୍ତରଖାନାର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମଞ୍ଜୁଶ୍ରୀ ଦାସଙ୍କ ସଂଯୋଜନା ଏବଂ ବିପିଏମ ସସ୍ମିତା ଦାଶଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମକୁ ଡାକ୍ତରଖାନା ଅଧିକାରୀ ଡ. ସିପୁନ ପଣ୍ଡା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ବେତନଟୀ ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କରି କୁଷ୍ଠରୋଗର, କାରଣ, ନିରାକରଣ ବାବଦରେ ଲୋକଙ୍କୁ ଅବଗତ କରାଇବା ସହ ଚଳିତମାସ ୧୮ ତାରିଖରୁ ୩୦ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନରେ ସାମିଲ ହେବାକୁ ବାର୍ତ୍ତା ପ୍ରସାର କରିବ। ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ମାଗଣାରେ ଏମଡିଟି ଔଷଧର ନିୟମିତ ସେବନ ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ ବୋଲି ଜନମତ ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଗଠନମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଅଭିଯାନକୁ ଶତପ୍ରତିଶତ ସଫଳ କରାଇବାକୁ ବିଭିନ୍ନ ସ୍ତରରେ ସ୍ୱାସ୍ଥ୍ୟବିଭାଗର କର୍ମଚାରୀଙ୍କୁ ଏଥିରେ ସାମିଲ କରାଯାଇଛି।

## ମହର୍ଷି ପବ୍ଲିକ୍ ସ୍କୁଲରେ ଶିଶୁ ଦିବସ ପାଳିତ

ବାରିପଦା, ୧୫।୧୧(ସମିସ): ବାଘଡ଼ାରୋଡସ୍ଥିତ ମହର୍ଷି ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଚାଚା ନେହରୁଙ୍କ ଜୀବନ ଦର୍ଶନ ବାବଦରେ ପିଲାଙ୍କ ଆଗରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ଦିଲ୍ଲୀପ ପାତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ୫୦୦ରୁ ଉର୍ଦ୍ଧ୍ୱ ପିଲାଙ୍କ ଉପସ୍ଥିତିରେ ପ୍ରାୟ ୨୦୦ ପିଲା ବିଭିନ୍ନ ସାଂସ୍କୃତିକ



କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହ ବଡ଼ ପିଲାମାନଙ୍କ ଦ୍ୱାରା ୧୭ଟି ଷ୍ଟଲ୍ କରାଯାଇ ବିଭିନ୍ନ ଘରତିଆରି ଖାଦ୍ୟ ପରିବେଷଣ କରାଯାଇଥିଲା। ପିଲାଙ୍କୁ ପେନସିଲ, ପେନ୍, ବିସ୍କୁଟ ପ୍ରଦାନ କରାଯାଇଥିଲା। ସ୍କୁଲର ଅଶୋକ କର ଧନ୍ୟବାଦ ଦେଇଥିଲେ।

## ହରିହର ଦାସଙ୍କ 'ଭକ୍ତିପୁଷ୍ପ' ପୁସ୍ତକ ଲୋକାର୍ପିତ



ବାରିପଦା, ୧୫।୧୧(ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ହରିହର ଦାସଙ୍କ ରଚିତ ଆଧ୍ୟାତ୍ମିକ ପୁସ୍ତକ ଭକ୍ତି ପୁଷ୍ପ ଲୋକାର୍ପିତ ହୋଇଯାଇଛି। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଅକାଦେମୀ ସମ୍ବର୍ଦ୍ଧିତ ତଥା ବରିଷ୍ଠ କବି ଡ. ନୀଳକଣ୍ଠ ମିଶ୍ର ମୁଖ୍ୟଅତିଥି, ମୟୂର ସାହିତ୍ୟ ସଂସଦ, ବେତନଟୀର ସମ୍ପାଦକ ଯତୀନ୍ଦ୍ରନାଥ ସାହୁ ମୁଖ୍ୟବକ୍ତା ଓ ସୀମାନ୍ତ କଲେଜର ଅର୍ଥନୀତି ପ୍ରାଧ୍ୟାପକ ଡ. ପ୍ରବୀର ପଟ୍ଟନାୟକ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଶ୍ରୀ ଦାସଙ୍କ ପୂର୍ବ ପ୍ରକାଶିତ ବାରଖଣ୍ଡ ପୁସ୍ତକ ପାଠକୀୟ ଆଦୃତି ଲାଭ କରିଛି ବୋଲି ମତ ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଧନ୍ୟବାଦ ଦେଇଥିଲେ।

## ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' କୀଚକେଶ୍ୱରୀ

ବହଳଦା, ୧୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବହଳଦାର ଆରାଧ୍ୟାଦେବୀ ମା' କୀଚକେଶ୍ୱରୀଙ୍କ ସୁନାବେଶ ଦେଖିବା ନିମନ୍ତେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ସକାଳୁ ମା'ଙ୍କ ପୂଜକ ଆର୍ଯ୍ୟଶଙ୍କର ପାଣିଗ୍ରାହୀ ମଙ୍ଗଳ ଆଳତୀ, ଶତ କୁମ୍ଭାଭିଷେକ, ମା'ଙ୍କ ମାର୍ଜନା ଏବଂ ବେଶ ଶୃଙ୍ଗାର ସମ୍ପନ୍ନ କରିଥିଲେ। ଭକ୍ତଙ୍କ ଦର୍ଶନ ପାଇଁ ସକାଳ ୭ଟାରୁ ମନ୍ଦିର ଖୋଲାଯାଇଥିଲା। ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭକ୍ତମାନେ ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମା'ଙ୍କୁ ସୁନା ଅଳଙ୍କାରରେ ସଜ୍ଜିତ



କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ପୁଲିସ ମୁତୟନ କରାଯାଇଥିଲା। ଭକ୍ତଙ୍କୁ ଅନ୍ନଭୋଗ ବଣ୍ଟନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ତଥା ତହସିଲଦାର ଭକ୍ତବନ୍ଧୁ ପ୍ରଧାନ, ଅତିରିକ୍ତ ତହସିଲଦାର ସୁଧାକର ସେଠୀ, ଏସଡିପିଓ ଗୋକୁଳାନନ୍ଦ ସାହୁ, ବିଡ଼ିଓ ଶରତ କୁମାର ମଲ୍ଲିକ ସମେତ ଆଇଆଇସି ବୀରେନ୍ଦ୍ର କୁମାର ରାଉତ, ଏଏସଆଇ ସ୍ମୃତିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳାର ସହ ମା'ଙ୍କ ସୁନାବେଶ ସମ୍ପନ୍ନ ହୋଇଥିଲା।

